୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.49 Bhubaneswar Thursday March 28 2024 | ୨୬ତମ ବର୍ଷ ସଂଖ୍ୟା-୪୯ ଭୁବନେଶ୍ୱର ଗୁରୁବାର, ମାର୍ଚ୍ଚ ୨୮, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କଲା ବିଜେଡି




ଭୁବନେଶ୍ୱର, ୨୭।୩(ପି.ଏନ): ବିଜେଡି ଆଜି ପ୍ରଥମ ପର୍ଯ୍ୟାୟରେ ୭୧ ବିଧାନସଭା ଓ ଦୁଇଟି ପର୍ଯ୍ୟାୟରେ ୧୫ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ୭୧ଟି ବିଧାନସଭା ଆସନ ପାଇଁ ଘୋଷିତ ପ୍ରାର୍ଥୀ ତାଲିକାରେ ଦଳ ୮୫ ପ୍ରତିଶତରୁ ଅଧିକ ପ୍ରାର୍ଥୀଙ୍କୁ ପୁଣିଥରେ ରିପିଟ୍ କରିଛି। ମାତ୍ର ଏଥିରେ ପ୍ରଥମଥର ପାଇଁ ନିର୍ବାଚନରେ ଡେବ୍ୟୁ କରୁଥିବା ନେତାଙ୍କ ସଂଖ୍ୟା ୧୩ ଜଣ ରହିଛି। କିଛି ଉତ୍ତରାଧିକାରୀ ସୂତ୍ରରେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଦଳ ୧୧ଜଣ ବିଧାୟକଙ୍କ ଟିକେଟ୍ କାଟିଛି ଓ ସେଥିରୁ ୩ଜଣ ବିଧାୟକଙ୍କ ପୁଅ-ପତ୍ନୀଙ୍କୁ ଟିକେଟ୍ ଦେଇଥିବାବେଳେ ଦୁଇଜଣ ବିଧାୟକଙ୍କୁ ସାଂସଦ ପ୍ରାର୍ଥୀ କରିଛି।ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଘୋଷିତ ୭୧ଟି ଆସନରେ ନୂଆ ମୁହଁ ଭାବେ ବିଜେଡି ଟିକେଟରେ ବିଧାନସଭା ନିର୍ବାଚନରେ ଡେବ୍ୟୁ କରିବାକୁ ଥିବା ପ୍ରାର୍ଥୀମାନେ ହେଲେ ରାୟଗଡା-ଅନୁସୂୟା ମାଝୀ, ବସ୍ତାରୁ ସୁଭାସିନୀ ଜେନା, ଯାଜପୁରରୁ ସୁଜାତା ସାହୁ, ଧାମନଗରରୁ ସଞ୍ଜୟ ଦାସ, ଲୋଇସିଂହାରୁ ନିହାର ବେହେରା, ଉମରକୋଟରୁ ନବୀନା ନାୟକ, ନବରଙ୍ଗପୁରରୁ କୌଶଲ୍ୟା ପ୍ରଧାନୀ, ଭବାନୀପାଟଣାରୁ ଲତିକା ନାୟକ, ପାଟକୁରାରୁ ଅରବିନ୍ଦ ମହାପାତ୍ର, ସୋରଡାରୁ ସଂଘମିତ୍ରା ସ୍ୱାଇଁ, ଦିଗପହଣ୍ଡିରୁ ବିପ୍ଳବ ପାତ୍ର, ଚିକିଟିରୁ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ ଓ ପୁରୀରୁ ସୁନୀଲ ମହାନ୍ତି ରହିଛନ୍ତି। ଏମାନଙ୍କ ମଧ୍ୟରୁ କେବଳ ଧାମନଗରରୁ ଡାକ୍ତର ସଞ୍ଜୟ ଦାସଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତେ ରାଜନୀତିକ ପରିବାର ସହ ଜଡିତ ବ୍ୟକ୍ତି। ପିତା,ମାତା ଓ ପତିଙ୍କ ରାଜନୀତିକ ଉତ୍ତରାଧିକାରୀ ସୂତ୍ରରେ ସେମାନଙ୍କୁ ଟିକେଟ୍ ମିଳିଛି। ରାୟଗଡାରୁ ବିଜେଡି ପ୍ରାର୍ଥୀ ଅନୁସୂୟା ମାଝୀ ହେଉଛନ୍ତି ପୂର୍ବତନ ବିଧାୟକ ଅନନ୍ତରାମ ମାଝୀଙ୍କ ଝିଅ ତଥା ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ଓ ରାୟଗଡା ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷା ଅଛନ୍ତି। ସେହିପରି ବସ୍ତାରୁ ସୁଭାସିନୀ ହେଉଛନ୍ତି ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ପତ୍ନୀ। ଯାଜପୁରରୁ ବିଜେଡି ପ୍ରାର୍ଥୀ ସୁଜାତା ସାହୁ ହେଉଛନ୍ତି ଦଶରଥପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ଥିଲେ। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତାଙ୍କୁ ପ୍ରାର୍ଥୀ କରାଇଛନ୍ତି।

## ସାନପୁଅଙ୍କୁ ନେଇ ସୁରଙ୍କ କ୍ଷୋଭ: ଆତ୍ମାକୁ ବାଧୁଛି, କଂଗ୍ରେସରୁ ସବୁ ପଦରୁ ଇସ୍ତଫା ଦେଲି



ଭୁବନେଶ୍ୱର, ୨୭।୩(ପି.ଏନ): ସବୁପ୍ରକାରର ଚେଷ୍ଟା କଲି, ମାସାଧିକ କାଳ ବୁଝାଇଲି। ହେଲେ ମୋ' ସାନପୁଅ କିଛି ଶୁଣିଲା ନାହିଁ। ବିଜେଡିରେ ମିଶିବ ବୋଲି ଜିଦ୍ ଧରିଲା ଓ ଆଜି ବିଜେଡିରେ ମିଶିଲା। ତେଣୁ ଏହା ମୋତେ ମର୍ମାହତ କରିଛି। ମୋର ନୈତିକ ସାମର୍ଥ୍ୟ ହରାଇ ବସିଛି। ମୋ' ଆତ୍ମାକୁ ବାଧୁଛି। ପୁଅ ମନ୍ମଥ ବିଜେଡିରେ ମିଶିଥିବାରୁ ନୈତିକତା ଦୃଷ୍ଟିରୁ ଆଜି କଂଗ୍ରେସର ସମସ୍ତ ପଦରୁ ଇସ୍ତଫା ଦେଇଛି।" ଆଜି ଏଭଳି କିଛି କ୍ଷୋଭର ସହ କହିଛନ୍ତି ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ।

## ଓଲିଉଡ କଳାକାରଙ୍କ ସହ ହୋଲି ଖେଳିଲେ କିସ୍ ଛାତ୍ରଛାତ୍ରୀ

ଭୁବନେଶ୍ୱର, (ପି.ଏନ): ସୋମବାର କିସ୍‌ରେ ପାଳିତ ହୋଇଯାଇଛି। ଏଥିପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ପରିଲକ୍ଷିତ ହୋଇଥିଲା। କିସ୍ ଛାତ୍ରଛାତ୍ରୀମାନେ ବିଶିଷ୍ଟ ଓଡ଼ିଆ ସିନେ ତାରକା, ସାହିତ୍ୟିକ, କଳାକାର, ବ୍ୟଙ୍ଗକାର, ବୁଦ୍ଧିଜୀବୀ, ସମାଲୋଚକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଚିତ୍ରାଭିନେତାଙ୍କ ସହ ହୋଲି ପାଳିଥିଲେ। ପାରମ୍ପରିକ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇ ଦୋଳିରେ ଝୁଲୁଥିବା କିସ୍ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅଭିନେତା, କଳାକାରମାନେ ରଙ୍ଗ ବୋଳି ଅବିର ପର୍ବ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ କିସ୍ ପିଲାମାନଙ୍କ ସହ ଅବିର ଖେଳିବା ସହ ନୃତ୍ୟ, ସଂଗୀତ, ସଂଳାପ ଓ ହାସ୍ୟରସରେ ପିଲାମାନଙ୍କ ମନୋରଞ୍ଜନ କରିଥିଲେ। ସୂଚନାଯୋଗ୍ୟ, ପ୍ରତିବର୍ଷ କିସ୍ ଛାତ୍ରଛାତ୍ରୀଙ୍କ ଉତ୍ସାହିତ କରିବା ଓ ସେମାନଙ୍କ ମନୋବଳ ବୃଦ୍ଧି କରିବା ସକାଶେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ, କୋଲକାତାସ୍ଥିତ ସତ୍ୟଜିତ ରାୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଲ୍ ଆଣ୍ଡ ଟେଲିଭିଜନ୍‌ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ସିନେ ସମୀକ୍ଷକ ଦିଲୀପ ହାଲି, ଅଭିନେତା ସୁକାନ୍ତ ରଥ, ମଣ୍ଟୁ ଶର୍ମା, ଶୁଭାଶିଷ, ଅଭିନେତ୍ରୀ ବିଦୁସ୍ମିତା, ପୁଷ୍ପା ପଣ୍ଡା, ପ୍ରତିଭା ପଣ୍ଡା, ଶିବାନୀ ସଙ୍ଗୀତା, ଆକାଂକ୍ଷା କବି, ତୃପ୍ତି, ସସ୍ମିତା ପିଆଲି, ହାସ୍ୟ ଅଭିନେତା ଭକ୍ତ ପ୍ରହ୍ଲାଦ ଚରଣ ପଟ୍ଟନାୟକ (ହାଡୁ), ଦେବୁ ବ୍ରହ୍ମା, ଜୀବନ ପଣ୍ଡା, ହର ରଥ, ଗୀତିକାର ଅରୁଣ ମନ୍ତ୍ରୀ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ଶ୍ରୀଚରଣ ମହାନ୍ତି, ଶୈଳବାଳା ମହାପାତ୍ର, ମିତ୍ରଭାନୁ ମହାନ୍ତି, ଶିଶୁ କଳାକାର ଐଶ୍ୱର୍ଯ୍ୟା ମିଶ୍ର, ସଂଗୀତ ନିର୍ଦ୍ଦେଶକ ଶରତ ନାୟକ, ଅରୁଣ ମନ୍ତ୍ରୀ, କ୍ରୀଡ଼ାବିତ୍ ଅନୁରାଧା ବିଶ୍ୱାଳଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

### ନେତାଙ୍କ ପତ୍ନୀ ଓ ପୁଅଙ୍କୁ ଥଇଥାନ କଲା ବିଜେଡି

ଭୁବନେଶ୍ୱର, ୨୭।୩(ପି.ଏନ): ବିଜେଡି ଆଜି ନିଜର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ପ୍ରଥମ ପର୍ଯ୍ୟାୟରେ ୭୧ଟି ବିଧାନସଭା ଓ ୯ଟି ଲୋକସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ତାଲିକା ଜାରି କରିଛି। ଯେଉଁଥିରେ ବର୍ତ୍ତମାନର ବିଧାୟକ ଓ ବରିଷ୍ଠ ନେତାମାନଙ୍କ ପତ୍ନୀ ଓ ପୁଅ-ଝିଅଙ୍କୁ ଥଇଥାନ କରିବାକୁ ପ୍ରୟାସ କରିଛି। ରାଜ୍ୟରେ ବ ?ୁଥିବା ସରକାରବିରୋଧୀ ହାୱା ଓ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ଦେଖି ପ୍ରାର୍ଥୀ ତାଲିକାରେ ବିଶେଷ ପରିବର୍ତ୍ତନ କରିବାର ସାହସ ଜୁଟାଇ ପାରିନାହାନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ତାଙ୍କ ପରାମର୍ଶଦାତା ଭିକେ ପାଣ୍ଡିଆନ। ଏପରିକି ହାତଗଣତି ୨-୩ଟି ସ୍ଥାନରେ ବିଜେଡି ଦଳର ବର୍ତ୍ତମାନର ବିଧାୟକଙ୍କୁ ଏଡ଼ାଇବାକୁ ସକ୍ଷମ ହୋଇଛି।ବିଜେଡିର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଚିକିଟିରୁ ଉଷା ଦେବୀଙ୍କ ପରିବର୍ତ୍ତ ? ତାଙ୍କ ପୁଅ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ଦିଗପହଣ୍ଡିରୁ ଦିବଂଗତ ସୂର୍ଯ୍ୟ ପାତ୍ରଙ୍କ ପୁଅ ବିପ୍ଳବ ପାତ୍ର, ପୁରୀରୁ ମହେଶ୍ୱର ମହାନ୍ତିଙ୍କ ପୁଅ ସୁନୀଲ ମହାନ୍ତି, ପାଟକୁରାରୁ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର, ଲୋଇସିଂହାରୁ ଯୋଗେନ୍ଦ୍ର ବେହେରାଙ୍କ ପୁଅ ନିହାର ରଞ୍ଜନ ବେହେରାଙ୍କୁ ପ୍ରାର୍ଥୀ କରିଛି।ଏମାନଙ୍କ ବ୍ୟତୀତ ପୂର୍ବରୁ ବିଧାୟକ ଥିବା ବରିଷ୍ଠ ନେତା ପ୍ରଭାତ ତ୍ରିପାଠୀଙ୍କ ପୁଅ ଦେବୀରଞ୍ଜନ ତ୍ରିପାଠୀଙ୍କୁ ବାଙ୍କିରୁ, ପ୍ରଭାତ ବିଶ୍ୱାଳଙ୍କ ପୁଅ ସୌଭିକ ବିଶ୍ୱାଳଙ୍କୁ ଚୌଦ୍ୱାରରୁ, ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ର ମହାରଥୀଙ୍କୁ ପିପିଲିରୁ, ବିଜୟଶ୍ରୀ ରାଉତରାୟଙ୍କ ପୁଅ ବିଷ୍ଣୁବ୍ରତ ରାଉତରାୟଙ୍କୁ ପୁଣିଥରେ ଦଳ ଟିକେଟ୍ ଦେଇଛି।

## ବିଜେଡି ଘୋଷଣା କଲା ଆଉ ୬ ଲୋକସଭା ପ୍ରାର୍ଥୀଙ୍କ ନାଁ



ଭୁବନେଶ୍ୱର, ୨୭।୩(ପି.ଏନ): ରାଜ୍ୟର ୨୧ଟି ଲୋକସଭା ଆସନ ମଧ୍ୟରୁ ଆଉ ୬ଟି ପାଇଁ ବିଜେଡି ଘୋଷଣା କରିଛି ପ୍ରାର୍ଥୀ। ଏହା ପୂର୍ବରୁ ୯ଟି ଲୋକସଭା ଆସନ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲେ। ଏହିପରି ମୋଟ ୧୫ଟି ଲୋକସଭା ଆସନ ପାଇଁ ଆଜି ଦଳ ଘୋଷଣା କରିଛି ପ୍ରାର୍ଥୀ।ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ୬ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି,ତା' ମଧ୍ୟରେ ପୁରୀ, ଢେଙ୍କାନାଳ, ଜଗତସିଂହପୁର, କନ୍ଧମାଳ, କଟକ ଓ ଯାଜପୁର ରହିଛି।ପୁରୀ ଲୋକସଭା ଆସନ ପାଇଁ ବିଜେଡି ଅରୂପ ପଟ୍ଟନାୟକଙ୍କ ନାଁ ଘୋଷଣା କରିଥିବା ବେଳେ ଢେଙ୍କାନାଳରୁ ଅବିନାଶ ସାମଲ, ଜଗତସିଂହପୁରରୁ ରାଜଶ୍ରୀ ମଲ୍ଲିକ, କନ୍ଧମାଳରୁ ଅଚ୍ୟୁତ ସାମନ୍ତ, କଟକରୁ ସଂତୃପ୍ତ ମିଶ୍ର ଓ ଯାଜପୁରରୁ ଶର୍ମିଷ୍ଠା ସେଠୀଙ୍କୁ ପ୍ରାର୍ଥୀ କରାଯାଇଛି। ଏହି ପ୍ରାର୍ଥୀମାନଙ୍କ ମଧ୍ୟରୁ ଅବିନାଶ ସାମଲ ଓ ସଂତୃପ୍ତ ମିଶ୍ର ହେଉଛନ୍ତି ନୂଆ ମୁହଁ। ଅବିନାଶ ହେଉଛନ୍ତି ଢେଙ୍କାନାଳ ବିଧାୟକ ସୁଧୀର ସାମଲଙ୍କ ପୁତୁରା। ସେହିପରି ନିକଟରେ ବିର୍ଲା ଗ୍ରୁପର ଉପସଭାପତି ପଦ ଛାଡି ବିଜେଡିରେ ଯୋଗ ଦେଇଥିଲେ ସଂତୃପ୍ତ ମିଶ୍ର। ଅରୂପ ପଟ୍ଟନାୟକ ୨୦୧୯ରେ ଭୁବନେଶ୍ୱର ଲୋକସଭା ଆସନରୁ ବିଜେଡିର ପ୍ରାର୍ଥୀ ହୋଇଥିଲେ। ତେବେ ବିଜେପିର ଅପରାଜିତା ଷଡଙ୍ଗୀଙ୍କଠାରୁ ସେ ପରାସ୍ତ ହୋଇଥିଲେ। ୨୦୧୯ରେ ବିଜେଡି ପୁରୀରୁ ପିନାକୀ ମିଶ୍ର, ଢେଙ୍କାନାଳରୁ ମହେଶ୍ୱର ସାହୁ ଓ କଟକରୁ ଭର୍ତ୍ତୃହରି ମହତାବଙ୍କୁ ପ୍ରାର୍ଥୀ କରିଥିଲା ଏବଂ ସେମାନେ ସମସ୍ତେ ବିଜୟୀ ହୋଇଥିଲେ। ପିନାକୀ ଓ ମହେଶ୍ୱରଙ୍କୁ ଟିକେଟ ମିଳି ନଥିବା ବେଳେ ଭର୍ତ୍ତୃହରି ମହତାବ ନିକଟରେ ବିଜେଡିରୁ ଇସ୍ତଫା ଦେଇଥିଲେ। ପୂର୍ବରୁ ୯ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା ଦଳ। କଳାହାଣ୍ଡିରୁ ଲମ୍ବୋଦର ନିଆଲ, ସମ୍ବଲପୁରରୁ ପ୍ରଣବ ପ୍ରକାଶ ଦାସ, ସୁନ୍ଦରଗଡରୁ ଦିଲ୍ଲୀପ ତିର୍କୀ, ମୟୂରଭଞ୍ଜରୁ ସୁଦାମ ମାର୍ଣ୍ଡି, କେନ୍ଦ୍ରାପଡାରୁ ଅଂଶୁମାନ ମହାନ୍ତି, ନବରଙ୍ଗପୁରରୁ ପ୍ରଦୀପ କୁମାର ମାଝୀ, ଭୁବନେଶ୍ୱରରୁ ମନ୍ମଥ ରାଉତରାୟ, କୋରାପୁଟରୁ କୌଶଲ୍ୟା ହିକକା ଓ ଆସିକାରୁ ରଞ୍ଜିତା ସାହୁଙ୍କ ନାଁ ଘୋଷଣା କରାଯାଇଥିଲା। ଏହି ପ୍ରାର୍ଥୀଙ୍କ ମଧ୍ୟରେ ନୂଆ ମୁହଁ ହେଉଛନ୍ତି ଆସିକାରୁ ପ୍ରାର୍ଥୀ ହୋଇଥିବା ରଞ୍ଜିତା ସାହୁ ଓ ଭୁବନେଶ୍ୱରର ପ୍ରାର୍ଥୀ ମନ୍ମଥ ରାଉତରାୟ।

## ଦାଗୀଙ୍କୁ ପୁଣି ଟିକେଟ୍ ଦେଲା ବିଜେଡି: ହତ୍ୟା,ଗ୍ୟାଙ୍ଗଷ୍ଟାର ଓ ଚିଟଫଣ୍ଡ ଅଭିଯୁକ୍ତଙ୍କୁ ନବୀନଙ୍କ ଭରସା

ଭୁବନେଶ୍ୱର, ୨୭।୩(ପି.ଏନ): ବିଜେଡି ଆଜି ନିଜର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ୭୧ ବିଧାନସଭା ଓ ୯ ଲୋକସଭା ଆସନ ପାଇଁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଭିଡିଓ ସନ୍ଦେଶ ମାଧ୍ୟମରେ ଜାରି କରିଥିବା ପ୍ରାର୍ଥୀ ତାଲିକାରେ ଅନେକ ବିବାଦୀୟ ଓ ଦାଗୀ ନେତା ରହିଛନ୍ତି। ହତ୍ୟା, ଚିଟଫଣ୍ଡ, ଯୌନ କେଳେଙ୍କାରୀ, ଗ୍ୟାଙ୍ଗଷ୍ଟାର ଓ ଦୁର୍ନୀତି ଆଦି ମାମଲାରେ ବିବାଦୀୟ ନେତାମାନଙ୍କ ଉପରେ ବିଜେଡି ନେତୃତ୍ୱ ଭରସା କରିଛନ୍ତି।ଦଳ ଏହି ବିବାଦୀୟ ନେତାମାନଙ୍କ ବିନା ଯେ ଚାଲିବା ସମ୍ଭବପର ନୁହେଁ ସେଭଳି ବାଧ୍ୟବାଧକତା ବିଜେଡି ନେତୃତ୍ୱଙ୍କ ପାଖରେ ରହିଥିବାର ସ୍ପଷ୍ଟ ସନ୍ଦେଶ ମିଳିଛି। ମମିତା ମେହେର ହତ୍ୟା, ମନ୍ତ୍ରୀ ନବ ଦାସ ହତ୍ୟା, ସଂଯୁକ୍ତା ମହଲ ଯୌନ ନିର୍ଯାତନା, ଗ୍ୟାଙ୍ଗଷ୍ଟାର ଧଳ ବ୍ରଦର୍ସଙ୍କ ସହ ସମ୍ପର୍କ, ସେକ୍ସ ର୍ୟାକେଟ୍ ଓ ଚିଟଫଣ୍ଡ ଦୁର୍ନୀତି ଆଦି ମାମଲାରେ ବିବାଦୀୟ ନେତାମାନଙ୍କୁ ବିଜେଡି ଆଜି ପୁଣିଥରେ ଟିକେଟ୍ ଦେଇଛି। ବିଶେଷକରି ଏହି ନେତାମାନଙ୍କୁ ଟିକେଟ୍ ଦେଇ ଦଳ ଉପରୋକ୍ତ ହୃଦୟ ବିଦାରକ ରାଜ୍ୟରେ ଚହଳ ସୃଷ୍ଟି କରିଥିବା ଜଘଂନ୍ୟ ମାମଲାରେ ନ୍ୟାୟ ଉପରେ ପୂର୍ଣ୍ଣଚ୍ଛେଦ ପକାଇଛି।

## ନବନିଯୁକ୍ତ ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୨୭।୩(ପି.ଏନ): ଆଜି ସନ୍ଧ୍ୟାରେ ନବନିଯୁକ୍ତ ପ୍ରଚାର କମିଟି ଅଧ୍ୟକ୍ଷ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କୁ ଭୁବନେଶ୍ୱର ବିମାନ ବନ୍ଦର ଠାରୁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାରେ ଅଣାଯାଇଥିଲା। ପ୍ରଦେଶ ଯୁବ କଂଗ୍ରେସ ଓ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଏବଂ ପ୍ରଦେଶ କଂଗ୍ରେସ ପକ୍ଷରୁ ଶ୍ରୀଯୁକ୍ତ ଦାସଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିମାନ ବନ୍ଦର ଛକ, ଶିଶୁଭବନ ଛକ, ରାଜମହଲ ଛକ ଓ ମାଷ୍ଟରକ୍ୟାଂଟିନ ଛକଠାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଂଗ୍ରେସ ନେତୃବର୍ଗ ଓ କର୍ମୀ ଶ୍ରୀଯୁକ୍ତ ଦାସଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପଂହଚିଲାପରେ ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ସୁଭାଷ ଚନ୍ଦ ବୋଷ, ଆମ୍ବେଦକର, ଇନ୍ଦିରା ଗାନ୍ଧୀ, ମଧୁ ବାବୁ, ପଣ୍ଡିତ ଗୋପବନ୍ଧୁ ଦାସ ଓ କୃଷ୍ଣଚନ୍ଦ୍ର ଗଜପତି ସମେତ ରାଷ୍ଟ୍ରନାୟକଙ୍କୁ ଭକ୍ତପୂତ ଶ୍ରଦ୍ଧାଳି ଜ୍ଞାପନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମବେତ ହଜାର ହଜାର କଂଗ୍ରେସ କର୍ମୀଙ୍କ ଉପସ୍ଥିତିରେ ଶ୍ରୀ ଦାସ କହିଥିଲେ ଯେ ଆସନ୍ତା ଦିନରେ ରାଜ୍ୟରେ କଂଗ୍ରେସ ସରକାର ଗଠନ ହେବ। ଆସନ୍ତା ୨୦ ଦିନ ମଧ୍ୟରେ ସାରା ରାଜ୍ୟରେ କଂଗ୍ରେସର ପ୍ରଚାର ଅତି ଦ୍ରୁତ ଗତିରେ ଆଗେଇଯିବ। ଓଡ଼ିଶାର ଜନସାଧାରଣ ଉଭୟ ବିଜେଡ଼ି ଓ ବିଜେପିର ମିଳିତ ସରକାରଙ୍କୁ ୨୫ ବର୍ଷ ଧରି ଏ ରାଜ୍ୟରେ ଶାସନ କରିବାର ସୁଯୋଗ ଦେଲେ। କିନ୍ତୁ ଏ ରାଜ୍ୟ କୌଣସି କ୍ଷେତ୍ରରେ ଆଜି ସ୍ୱାବଲମ୍ବି ହୋଇପାରିଲା ନାହିଁ। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଉତ୍କଟ। ରାଜ୍ୟର ମହିଳାମାନେ ଆଦୌ ସୁରକ୍ଷିତ ନୁହନ୍ତି। ବେକାରୀ ସମସ୍ୟା ଆଜି ଶୀର୍ଷ ସ୍ତରରେ ପଂହଚିଛି। ଲକ୍ଷ ଲକ୍ଷ ଲୋକ ଦାଦନ ଖଟିବାପାଇଁ ବାହାରକୁ ଯାଉଛନ୍ତି। ଦୀର୍ଘ ୨୪ ବର୍ଷ ଭିତରେ ରାଜ୍ୟର କୃଷକମାନଙ୍କର ଆୟକୁ ବୃଦ୍ଧି କରାଯାଇ ପାରିଲାନାହିଁ। ରାଜ୍ୟର ଆଦିବାସୀ ଜିଲ୍ଲାମାନଙ୍କରେ ସ୍ୱାସ୍ଥ୍ୟ ସେବାଠାରୁ ଆରମ୍ଭ କରି ଶିକ୍ଷା ପାନୀୟ ଜଳ, ରୋଜଗାର ସମସ୍ୟା ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ। କିନ୍ତୁ ଏ ସରକାର କେବଳ ଗଣମାଧ୍ୟମରେ ବିକାଶ ହୋଇଛି ବୋଲି କହି ବାହା ବାହା ନେବାକୁ ପଛାଉନାହାନ୍ତି। ଓଡ଼ିଶାର ଜନସାଧାରଣ ଆଜି ସଜାଗ ହୋଇଛନ୍ତି ଏମାନଙ୍କ ସମ୍ପର୍କ କେବଳ ଓଡ଼ିଶାର ସମ୍ପତିକୁ ଲୁଟ କରିବାପାଇଁ କିନ୍ତୁ ଓଡ଼ିଶାର ବିକାଶ ଏମାନଙ୍କ ଚିନ୍ତାରେ ନାହିଁ। ଆଉ କେତେବର୍ଷ ଶାସନ କଲାପରେ ଓଡ଼ିଶାର ମୌଳିକ ସମସ୍ୟାକୁ ସମାଧାନ କରାଯାଇପାରିଥାନ୍ତା। ଓଡ଼ିଶାର ଲୋକଙ୍କୁ ଭୂଆଁ ବୁଲାଇବାର ଯୁଗ ଶେଷ ହେଲା। ମୁଁ ଆପଣମାନଙ୍କୁ ପ୍ରତିଶ୍ରୁତି ଦେଉଛି ଓଡ଼ିଶାରେ କଂଗ୍ରେସ ସରକାର ପ୍ରତିଷ୍ଠା ହେବ। ଯେଉଁମାନଙ୍କର କଂଗ୍ରେସ ନୀତି ଓ ଆଦର୍ଶ ଉପରେ ବିଶ୍ୱାସ ଅଛି ସେମାନେ କଂଗ୍ରେସ ଦଳକୁ ଫେରିଆସନ୍ତୁ। ଆଜିର କାର୍ଯ୍ୟକ୍ରମରେ ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ରମେଶ ଜେନା, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ନକୁଳ ନାୟକ, ବିଶ୍ୱଜିତ ଦାଶ, ରଣଜିତ ପାତ୍ର, ୟାସିର ନୱାଜ, ଅମିୟ ପାଣ୍ଡବ, ବଳଭଦ୍ର ମାଝୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ପ୍ରକାଶ ମିଶ୍ର, ସୁବ୍ରତ ମହାପାତ୍ର, ହଳଧର ସେଠୀ, ରଜନୀ ମହାନ୍ତି, ନିପନ ଦାସ, ସଂକୁନା କହଁର, ଶ୍ରୀୟାସ୍ମିତା ପଣ୍ଡା, ସୁଦର୍ଶନ ଦାସ, ଦୀପକ ମହାପାତ୍ର, ପଦ୍ମାକର ଗୁରୁ, ଶୁଭଦ୍ରା ମିଶ୍ର, ସ୍ନେହା ଜେନା, ପ୍ରଶାନ୍ତ ଚମ୍ପତି, ମୋହନ ଜେନା, ଜୟକୃଷ୍ଣ ସୁବୁଦ୍ଧି, ମନୋରଂନ ରାଉତରାୟ, ନିହାର ବେହେରା, ଶାନ୍ତାୟନ ମିଶ୍ର, ଶିଶିର ରଥ, ବଟକୃଷ୍ଣ ରାଉତରାୟ, ବିଂରଚି ବାରିକ, ଅମରେଶ ପରିଡ଼ା, ବିକାଶ ପଶୁପାଳକ, ବଳରାମ ନନ୍ଦ, ସୁଦିପ ସାମଲ, ମହମ୍ମଦ ପରଭେଜନ, ସୁନିଲ ସାହୁ ଗାନ୍ଧୀ, କାର୍ତ୍ତିକେଶ୍ୱର କାଣ୍ଡି, ଉଦ୍ଦିତ ପ୍ରଧାନ, ସ୍ପନ୍ଦନ ସ୍ୱାଇଁ, ସାଗର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନିଜର ଦକ୍ଷତା ଓ ପୂର୍ଣ୍ଣ ସାମର୍ଥ୍ୟ ସହ ଜନସେବା ପାଇଁ ସବୁବେଳେ ପ୍ରୟାସ ଜାରି ରଖିବି: ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର/ପୁରୀ/ତାଳଚେର, ୨୭।୩(ପି.ଏନ): ସମ୍ବଲପୁରରୁ ବିଜେପିର ଲୋକସଭା ପ୍ରାର୍ଥୀ ହେବା ପାଇଁ ମନୋନୀତ ହେବା ପରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପବିତ୍ର ଦୋଳ ପୂର୍ଣ୍ଣିମାରେ ବଡି ଭୋରରୁ ଶ୍ରୀମନ୍ଦିରକୁ ଯାଇ ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେବା ସହ ବିଭିନ୍ନ ମନ୍ଦିର ଦର୍ଶନ କରିଛନ୍ତି ।ଶ୍ରୀ ପ୍ରଧାନ ପ୍ରଥମେ ପୁରୀ ଶ୍ରୀମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ପର୍ଶୁରାମେଶ୍ୱର ମନ୍ଦିର, ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ମନ୍ଦିରକୁ ଯାଇ ଆଶୀର୍ବାଦ ନେଇଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆମ ସମସ୍ତଙ୍କ ସାମାଜିକ ଓ ସାଂସ୍କୃତିକ ଅସ୍ମିତାର ଅବିଚ୍ଛେଦ୍ୟ ଅଙ୍ଗ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସବୁବେଳେ ମୋ ଉପରେ ରହିଆସିଛି । ମା' ସମଲେଇଙ୍କ ପବିତ୍ର ଭୂମି ସମ୍ବଲପୁରରୁ ଲୋକସଭାର ପ୍ରାର୍ଥୀ ହେବା ପରେ ପ୍ରଥମେ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେବା ମୋ ପାଇଁ ଅତ୍ୟନ୍ତ ସୌଭାଗ୍ୟର ବିଷୟ । ମହାପ୍ରଭୁଙ୍କ ଆଶୀର୍ବାଦ ମୋତେ ଜନସେବା କରିବା ପାଇଁ ଆହୁରି ଶକ୍ତି ପ୍ରଦାନ କରିବ ବୋଲି ମୋର ବିଶ୍ୱାସ । ଶ୍ରୀକ୍ଷେତ୍ର ପୁରୀ ଭଳି ସମ୍ବଲପୁର ଅନ୍ୟନ୍ୟ ଆସ୍ଥା, ସାଂସ୍କୃତିକ ଓ ଅର୍ଥନୀତିର କେନ୍ଦ୍ର । ମହାପ୍ରଭୁ ଓ ମା' ସମଲେଇଙ୍କ ଆଶୀର୍ବାଦରେ ନିଜର ଦକ୍ଷତା ଓ ପୂର୍ଣ୍ଣ ସାମର୍ଥ୍ୟ ସହ ଜନସେବା ପାଇଁ ମୁଁ ସବୁବେଳେ ପ୍ରୟାସ ଜାରି ରଖିବି । ପ୍ରଧାନମନ୍ତ୍ରୀଙ୍କ ବିକାଶକୁ ସମ୍ବଲପୁରରେ ତ୍ୱରାନ୍ୱିତ ଆଣିବା ପାଇଁ ସମ୍ବଲପୁରର ଜନତା ମୋତେ ଗୁଣ୍ଡୁଚି ମୂଷାର ଦାୟିତ୍ୱ ଦେବେ, ଏ ବିଶ୍ୱାସ ମୋର ଅଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଦେଶରେ ଲୋକସଭା ଓ ବିଧାନସଭା ନିର୍ବାଚନର ବିଗୁଲ ବାଜିସାରିଛି । ଆମ ଦଳ ବିଜେପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ, ଯୋଜନା ଏବଂ ବିଗତ ୧୦ ବର୍ଷ ଉପଲବ୍ଧି ସହ ଆଗାମୀ ୨୫ ବର୍ଷର ସ୍ୱପ୍ନକୁ ନେଇ ଓଡ଼ିଶା ସମେତ ଦେଶର ପ୍ରତ୍ୟେକ ଘରକୁ ଯିବା ପାଇଁ ସଂକଳ୍ପ କରିଛି । ଓଡ଼ିଶାରେ ପରିବର୍ତ୍ତନ ଅବଶ୍ୟାମ୍ଭବୀ । ମହାପ୍ରଭୁ ମଧ୍ୟ ପରିବର୍ତ୍ତନକୁ ସ୍ୱୀକାର କରି ନବକଳେବର ହୁଅନ୍ତି । ଓଡ଼ିଶାରେ ଗରିବ ଲୋକଙ୍କର କଲ୍ୟାଣ, ମାତୃଶକ୍ତିର ଉତ୍ଥାନ, ଯୁବବର୍ଗ ଓ କୃଷକଙ୍କୁ ସଶକ୍ତ କରିବା ସହ ବଞ୍ଚିତ ବର୍ଗର ବିକାଶ ପାଇଁ ମୋଦୀଜୀ ସର୍ବଦା ଗୁରୁତ୍ୱ ଦେଇଛନ୍ତି । ଗଣତନ୍ତ୍ରରେ ପରିଶ୍ରମର ବିକଳ୍ପ ନାହିଁ । ଲୋକଙ୍କ ପାଖକୁ ଯାଇ ବିଗତ ୧୦ ବର୍ଷର ସେବା କାମ ଓ ଉପଲବ୍ଧିକୁ ଓଡ଼ିଶାର ୧ କୋଟି ଘରେ ପହଞ୍ଚାଇବା ଆମ ଦାୟିତ୍ୱ । ଓଡ଼ିଶାରେ ଡବଲ ଇଞ୍ଜିନର ସରକାର ହେବ । ମୋଦୀ ଆଉଥରେ ପ୍ରଧାନମନ୍ତ୍ରୀ ହେବେ । ସର୍ବୋପରି ଓଡ଼ିଆ ଗୌରବ, ଅସ୍ମିତା ଓ ସ୍ୱାଭିମାନ ବଜାୟ ରହିବା ସହ କ୍ଷୁର୍ଣ୍ଣ ନହେଉ, ଏଥିପାଇଁ ବିଜେପି ଓଡ଼ିଶାରେ ଜନସମ୍ପର୍କ ଅଭିଯାନକୁ ମୁଖର କରିବ । ମହାପ୍ରଭୁଙ୍କ ଆଶୀର୍ବାଦ ଓଡ଼ିଆ ଲୋକଙ୍କ ସହ ଓ ଜନନାୟକ ମୋଦୀଙ୍କ ସାଥିରେ ରହିଛି । ଆମେ ନିର୍ବାଚନରେ ସଫଳ ହେବୁ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

## ହୋଲିରେ ଅଶାନ୍ତ ହେଲା ରାଜଧାନୀ; ବୁଲିଲା ଖଣ୍ଡା ଭୁଜାଲି, ଯାହାକୁ ଦେଖିଲେ ଗୋଡ଼ାଇ ହାଣିଲେ



ଭୁବନେଶ୍ୱର, ୨୭।୩(ପି.ଏନ): ହୋଲିରେ ଅଶାନ୍ତ ହେଲା ରାଜଧାନୀର ନୟାପଲ୍ଲୀ ଗଡ଼ସାହି । ଏତେ ସୁକ୍ଷା ସତ୍ତ୍ୱେ ମାତିଲେ ଅସାମାଜିକ ଯୁବଗୋଷ୍ଠୀ । ବୁଲାଇଲେ ଖଣ୍ଡା ଭୁଜାଲି ଆଉ କଲେ ଗୋଡେଇ ଗୋଡେଇ ଆକ୍ରମଣ । କାର ଭଙ୍ଗାରୁଜା ସହ ବାଇକ ଭାଙ୍ଗି ଖେଳାଇଲେ ଆତଙ୍କରାଜ । ଆଜି ଏହି ଅପରାଧ ଅପରାହ୍ନ ସମୟରେ ହୋଇଥିବା ବେଳେ ଏ ନେଇ ନୟାପଲ୍ଲୀ ଥାନାରେ ହୋଇଛି ୫ଟି ଅଭିଯୋଗ ରୁଜୁ । ଅଭିଯୋଗକାରୀଙ୍କ ସୁଚନା ମୁତାବକ ଦିନ ପ୍ରାୟ ୪ଟା ସମୟରେ କଇଘ ଗ୍ୟାଙ୍ଗ ରକିଛି ଅସାମାଜିକ ଯୁବକ ଖଣ୍ଡା ଭୁଜାଲି ଧରି ନୟାପଲ୍ଲୀ ବ୍ରିଟ କଲୋନି ପଟୁ ପଶିଥିଲେ । ପରେ ନୟାପଲ୍ଲୀ ଗଡ଼ସାହି ପରେ ଏକ ପାର୍ଟି ଅଫିସ ସାମ୍ନା ଦେଇ ଯିବା ପରେ ପୋଖରୀ ପର୍ଯ୍ୟନ୍ତ ଆତଙ୍କ ଖେଳାଇ ଚାଲିଲେ । ରାସ୍ତାରେ ଯିବା ସମୟରେ ଯାହାକୁ ପାରିଲେ ଆକ୍ରମଣ କଲେ । ଯିଏ ଅବରୋଧ କଲେ ତାକୁ ହାଣି ରକ୍ତାକ୍ତ କଲେ । ଫଳରେ ଯିଏ ଦେଖିଲେ ଘରେ ଲୁଚିଲେ । ଏପରିକି କିଛି ଯୁବକକୁ ମଧ୍ୟ ଗୋଡେଇ ଆକ୍ରମଣ ସହ ଘରେ ପଶି ଭଙ୍ଗାରୁଜା ଓ ଆକ୍ରମଣ କରିଥିଲେ । ଏନେଇ ପ୍ରାୟ ୬ରୁ ୭ଜଣ ପୁରୁଷ ମହିଳା ଓ ଯୁବକ ଆହାତ ହୋଇଥିବା ବେଳେ କାର ଗୋଟିଏ ବାଇକ ଗୋଟିଏ କିଛି ଘରର କବାଟ ଭାଙ୍ଗି ଗୁଣ୍ଡ କରିଛନ୍ତି । ଏନେଇ ? ଆହାତ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ଚିକିତ୍ସିତ ସହ ଆଉ କିଛି ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ।









# ଟି ଟାଇମ୍



**ଜୋକ୍ସ**

ରାମୁ ରୋହିତ୍‌କୁ କହିଲା: ତତେ ପହଁରିବା ଆସେ।

ରୋହିତ: ନା ଆସେନି।

ରାମୁ: ତୋଠୁ ତ ମୋ କୁକୁର ଭଲ, ସେ ପହଁରି ପାରୁଛି।

ରୋହିତ୍: ତତେ ପହଁରିବା ଆସୁଛି ?

ରାମୁଁ : ହଁ

ରୋହିତ୍: ତାହେଲେ ତୋ କୁକୁର ଆଉ ତୋ ଭିତରେ ଫରକ କ'ଣ ରହିଲା।

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

# ଚର୍ଚ୍ଚାରେ 'ହରାମ୍‌ଖୋର'

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ



ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା' ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

# ୫୦୦ କୋଟି ବନାମ ୫୦୦ଟଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ



୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା



ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଙ୍ଖାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ମାର୍ଚ୍ଚ ୨୮**

# ଆଧୁନିକତା ବନାମ ପୁରାତନତା



ଅନୀତା ପଟ୍ଟନାୟକ

ଥରେ କେତେକ ଲୋକଙ୍କ ଦ୍ୱାରା ଗୋଟିଏ ମଞ୍ଚ ସଜା ହୋଇଥିଲା। ସେ ମଞ୍ଚରେ ଭାଗୀଦାର ହେବା ପାଇଁ ଲୋକମାନଙ୍କ ମଧ୍ୟରେ ଠେଲାପେଲା ଚାଲିଥାଏ। ତାହାକୁ ଦୂରଦର୍ଶନ ବିଚିତ୍ର ଧର୍ମ ନାମ ଦିଆଯାଇ ପ୍ରସାରଣ କରାଯାଉଥିଲା। ମଞ୍ଚର ଗୋଟିଏ ପଟେ ଲେଖାଯାଇଥାଏ ନବୀନତା ଅନ୍ୟପଟେ ଲେଖାଯାଇଥାଏ ପୁରାତନତା। ହଠାତ୍ ଜଣେ ସୁନ୍ଦରୀ ନାରୀ, ନିଜକୁ ମଞ୍ଚର ଉଦଘୋଷିତ କହି ମଞ୍ଚ ଉପରକୁ ଉଠି ଆସିଲେ ଓ କର୍କଶ ସ୍ୱରରେ କହିଲେ 'ପୁରାତନକୁ ତ୍ୟାଗ କର, କାରଣ ଏହା ଅତ୍ୟନ୍ତ ପୁରୁଣା ନୂଆ ସହ ଆନନ୍ଦିତ ହୁଅ, କାରଣ ଏହା ଅତ୍ୟନ୍ତ ନୂଆ।' ସଙ୍ଗେ ସଙ୍ଗେ ଦୂରଦର୍ଶନର ପ୍ରଚାରକ କହିଲେ ଏହା ନୂତନ ଧର୍ମର ବାର୍ତ୍ତା। ଏଥର ନାରୀ ଜଣକ କହି ଉଠିଲେ 'ଚାଲନ୍ତୁ, ହାଲୁକା କଥାରେ ଖୁସିହେବା। ଯାହା ବୁଝିବାକୁ କଷ୍ଟ, ଯାହା ଶିଖିବାକୁ କଷ୍ଟ, ଦାୟିତ୍ୱ ଥିବା କର୍ତ୍ତବ୍ୟ, ଚାଲ ପରିତ୍ୟାଗ କରିବା। କୃତଜ୍ଞତା ପ୍ରକାଶ କରିବା ନାହିଁ। ବିରକ୍ତି ଭାବ ପ୍ରକାଶ କରିବା।' ଏହା ଶୁଣି ଦୂରଦର୍ଶନର ପ୍ରଚାରକ, ପ୍ରଚାର କରି ଉଠିଲେ ଏହା ହିଁ 'ନବୀନ ଧର୍ମର ନୀତି ବା ଆଧୁନିକତା'।

ଏହି ସମୟରେ ଆଉ ଜଣେ ନାରୀ ସଭା ମଞ୍ଚ ଉପରକୁ ଉଠି ଆସିଲେ। କହିଲେ ଦେଖନ୍ତୁ ନବୀନତା ବା ଆଧୁନିକତାକୁ କୋଳାଇ ନେଇଥିବା ଲୋକେ କିପରି ଫଟା ଜିନସ ପ୍ୟାଣ୍ଟ, ହାଫ ପ୍ୟାଣ୍ଟ, ହାଫ ପାଣ୍ଟ ନୁହେଁ କି ଫୁଲ ପ୍ୟାଣ୍ଟ ନୁହେଁ ନିମ୍ନ ମାନର ବସ୍ତ୍ର ପ୍ରଭୃତି ପରିଧାନ କରି ସୁନ୍ଦର ଭାବରେ ବସି ଆଧୁନିକତାର ଗୁଣଗାନ କରୁଛନ୍ତି। ଅପର ପକ୍ଷରେ ଆପଣ ପୁରାତନ ସଭ୍ୟତାର ଲୋକଙ୍କ ଆଡ଼କୁ ଟିକେ ଚାହାଁନ୍ତୁ। କିପରି ଧୋତି କୁର୍ତ୍ତା, ପଗଡ଼ି ଶାଢ଼ୀ ଇତ୍ୟାଦି ପିନ୍ଧି ପୁରାତନତାର ଗୁଣଗାନ କରୁଛନ୍ତି। ଏପରି ମାନସିକତା ଲୋକଙ୍କ ମନରେ କୁପ୍ରଭାବ ପକାଉଛି।

ଆଉ ଜଣେ ନାରୀ, ଉଠି ଆସି କହିଲେ, ପୁରାତନ ଧର୍ମୀ ଲୋକଙ୍କ ମଧ୍ୟରେ ଚପଳତା ନାହିଁ। ପ୍ରଦର୍ଶନ ଭାବ ନାହିଁ। ବୃଥାରେ ଗଦଗଦ ହେବାର ଭାବ ନାହିଁ। କିନ୍ତୁ ଚାପଲ୍ୟ ପ୍ରଦର୍ଶନ ଭାବ, ଗଦ ଗଦ ଭାବ, ଆଧୁନିକ ଧର୍ମର ବୈଶିଷ୍ଟ୍ୟ। ଆଧୁନିକତା କୌଣସି ପ୍ରକାର ବନ୍ଧନ, ସୀମା, ନିୟନ୍ତ୍ରଣ ସଂଯମ ନୀତିକୁ ମାନେ ନାହିଁ। ଏହି ସମୟରେ ଆଉ ଜଣେ ନାରୀ ମଞ୍ଚ ଉପରକୁ ଉଠି ଆସି କହିଲେ ବୟସ, ଜ୍ଞାନ, କଲ୍ୟାଣକାରୀ କଥା, ପଦପଦବୀ ଆଗରେ ମୁଣ୍ଡ ନୁଆଁଇବା ଆମେ ଶିଖିନାହୁଁ। ପୁରାଣ ନିର୍ଦ୍ଦେଶିତ ଫାଲତୁ ରୀତି ନୀତି, ପର୍ବ ପର୍ବାଣୀ ଉପବାସ, ବ୍ରତ ପୂଜା ଏହାକୁ ଆଧୁନିକତାରେ ଭରା ନାରୀମାନେ ପସନ୍ଦ କରିବା ଉଚିତ ନୁହେଁ। ଦୂରଦର୍ଶନର ପ୍ରଚାରକ କହି ଉଠିଲେ ଶୁଣିଲେ ତ ବୟସ୍କ ଲୋକେ ଯେଉଁମାନେ ପରମ୍ପରା, ପୁରାକାଳର ରୀତିନୀତି ନିୟମ ଶୃଙ୍ଖଳାକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତି ତଥା ଆତ୍ମ ସଂଯମ ଅଭ୍ୟାସର ଗୁଣଗାନ କରନ୍ତି ସେମାନଙ୍କୁ ଏ ଆଧୁନିକ ଧର୍ମ ଉପହାସ କରେ।

ଆଉ ଜଣେ ନାରୀ ମଞ୍ଚ ଉପରକୁ ଉଠି ଆସି କହିଲେ, ଆଧୁନିକତାକୁ ମାନୁଥିବା ବ୍ୟକ୍ତିମାନଙ୍କ ମତରେ ଚକ୍ଷୁ ପବିତ୍ର ସ୍ଥାନ ବୋଲି କିଛି ନାହିଁ। ଆମେ ତୀର୍ଥଯାତ୍ରାକୁ ଦୋଷାରୋପ କରୁ। ସାଧକଙ୍କର ମୂର୍ତ୍ତିପୂଜା ଗୋଟଏ କଣ? ସେଥିରୁ କି ଆନନ୍ଦ ମିଳେ। ତାହା ଆଧୁନିକତାରେ ବିଶ୍ୱାସ ରଖୁଥିବା ବ୍ୟକ୍ତିମାନେ ଉପଲବ୍ଧି କରିପାରନ୍ତି ନାହିଁ। ସେମାନେ ପାଉଥିବା ଆନନ୍ଦକୁ ଆଧୁନିକଧର୍ମୀ ବୁଝିପାରନ୍ତି ନାହିଁ। ଏହା ଏକ ଅନ୍ଧବିଶ୍ୱାସ। ଆମେ ପାଶ୍ଚାତ୍ୟ ପୋଷାକ ପରିହିତ ମାନସପୁତ୍ର ପୁତ୍ରୀଗଣ। ଆମେ ଯାହା ଭାବୁ ତାହା ଭଲ ବା ମନ୍ଦ, ସେକଥା ବିଚାର କରିବାର ଶିକ୍ଷା ପୁରାତନଧର୍ମୀଙ୍କ ପାଖରେ ନାହିଁ। ଶାଶ୍ୱତ ଶାନ୍ତି କ'ଣ ସେ ଜାଣନ୍ତି ନାହିଁ। ଅସ୍ଥାୟୀ ତଥା ରଙ୍ଗ ବେରଙ୍ଗର କଥା ବିଚାର କରିବାର ତାଲିମ ସେମାନେ ପାଇନାହାଁନ୍ତି। ଯଥା ଉତ୍ସବ ମାନଙ୍କରେ ନିଜେ ବଜାଇ ନାଚିବା ଓ ଆନନ୍ଦିତ ହେବା ଉତ୍ୟାଦି।

ଏଥର ଆଉ ଜଣେ ଆଧୁନିକ ପୋଷାକ ପରିହିତା ନାରୀ ମଞ୍ଚ ଉପରକୁ ଆସି କହିଲେ, ଆମର ସମୟ ନାହିଁ। ପୌରାଣିକ କଥା ଶୁଣିବା ପାଇଁ। ଆମେ କୃତ୍ରିମ ଖାଦ୍ୟ ଉପରେ ବଞ୍ଚି ରହିଛୁ। ଏଥର ଜଣେ ଧୋତି ଓ ପଗଡ଼ି ପିନ୍ଧିଥିବା ଜଣେ ସାଧୁବ୍ୟକ୍ତି ମଞ୍ଚ ଉପରକୁ ଉଠିଲେ, ସେ କହିଲେ, ମନୁଷ୍ୟ ଭିତରେ ମୂଲ୍ୟବାନ ରତ୍ନ ଅଛି। ତାହା ହେଉଛି ଅନ୍ନମୟ, ପ୍ରାଣମୟ, ମନମୟ, ବିଜ୍ଞାନମୟ ଓ ଆନନ୍ଦମୟ କୋଷ। ଏହାକୁ ପୋଡ଼ା ପାଉଁଶ କହି ରତ୍ନକୁ ଚିହ୍ନିନପାରି ନିଜକୁ ଛୋଟକରି ଅମୂଲ୍ୟ ସମ୍ପଦ ଭରା ମଣିଷ ପାଶ୍ଚାତ୍ୟ ଜଗତର ଧାରାକୁ ଆପଣାଇ ଭିକ୍ଷା କରୁଛି। ଯେଉଁ ପଶୁ ସ୍ତରରୁ ଉଠି ସେ ମଣିଷ ହୋଇଥିଲା ଦେବତା ସ୍ତରକୁ ନ ଉଠି ହୀନ ଆଚରଣ କରି ତାର ଗନ୍ତବ୍ୟ ସ୍ଥଳକୁ ସେ ଭୁଲି ଯାଇଛି। ଦୂରଦର୍ଶନ ପ୍ରଚାରକ କହି ଉଠିଲେ, ପୁରାତନ ସଭ୍ୟତାକୁ ଚିହ୍ନ। ପାଶ୍ଚାତ୍ୟ ସଭ୍ୟତାକୁ ଦୂରେଇ ରଖ। ଏବେ ସରସ୍ୱତୀଙ୍କ ପରି ଦେଖା ଯାଉଥିବା ଶୁଭ୍ରବସ୍ତ୍ରଧାରୀ ଜଣେ ମହିଳା ମୁଣ୍ଡରେ ଓଢ଼ଣା ଦେଇ ମଞ୍ଚ ଉପରକୁ ଉଠି କହିଲେ ଭାରତୀ ଶବ୍ଦରୁ ଭାରତର ସୃଷ୍ଟି। ଭା (ଭଗବାନ), ରତ (ମିଶିବା) ଅର୍ଥାତ ଭଗବାନଙ୍କର ଗୁଣଗାନ କରୁଥିବା ଲୋକଙ୍କୁ ଭାରତୀୟ କୁହାଯାଏ। ମୁଁ ଭାରତ ଭୂମିର କନ୍ୟା। ଦୁଷ୍ଟ ପ୍ରକୃତି ଓ ଜଘନ୍ୟ ଲୋକଙ୍କ ପାଖରେ ମୁଣ୍ଡ ନୁଆଁଇବ କିପରି? ପାଶ୍ଚାତ୍ୟ ଜଗତ ଓ ଆଧୁନିକତାର ଡିଣ୍ଡିମ ପିଟୁଥିବା ମନୁଷ୍ୟ ମାନଙ୍କ ନିକଟରେ ମୁଁ ମିଶି ପାରୁନଥିବାରୁ କ୍ଷମା ମାଗି ନେଉଛି।

ପ୍ରବୋଧ ଚନ୍ଦ୍ରୋଦୟ ଓ ସଂକଳ୍ପ ସୂର୍ଯ୍ୟୋଦୟ ପ୍ରଭୃତି ନାଟକ ବିଘ୍ନ ମହାମୋହକୁ କିପରି ଅତିକ୍ରମ କରିହେବ ଓ ଯମ, ନିୟମ, ଆସନ ପ୍ରାଣାୟମ, ପ୍ରତ୍ୟାହାରର ଶିକ୍ଷା ଦେଇଥାଏ। ମନକୁ ଅଗ୍ନିରେ ବସାଇ ତରଳାଇ ଭଗବାନଙ୍କ ଛାଞ୍ଚରେ ପକାଇଲେ ମନର ପ୍ରତ୍ୟକ ଅଣୁ ଦିବ୍ୟ ଅଣୁରେ ପରିଣତ ହେବ। ଆଉ ଜଣେ ଅବଗୁଣ୍ଠନା ନାରୀ ମଞ୍ଚ ଉପରକୁ ଉଠି କହିଲେ, ଜାତି, ବର୍ଣ୍ଣ, ରଙ୍ଗ ଓ ଧର୍ମରେ ପୃଥିବୀ ଖଣ୍ଡ ଖଣ୍ଡ ହେଲାଣି। ଏହା ପ୍ରେମର ନିଆଁରେ ତରଳି ନାହିଁ କି ଭଗବାନଙ୍କ ଢ଼ାଞ୍ଚାରେ ପଡ଼ିନାହିଁ। ହୃଦୟ ଘୃଣାଶୂନ୍ୟ ହେଉନାହିଁ। ଜଙ୍ଗଲର ନିଆଁକୁ ନଦୀର ସୁଶୀତଳ ଜଳରେ ଲିଭାଇ ହେବ କି? ଛୋଟ ଛୋଟ କୀଟମାନେ ଲୁଗା କାଟୁଥିବା ସମୟରେ ଲୁଗାର ମୂଲ୍ୟକୁ ବିଚାରକୁ ନେଇନଥାନ୍ତି। ସେହିପରି ଦୁଷ୍ଟ ପାଶ୍ଚାତ୍ୟ ସଭ୍ୟତାକୁ ପ୍ରୟୋଗ କରି ନିଜର କ୍ଷତି କରି ଆନନ୍ଦିତ ହୁଅନାହିଁ। ଏପରି ଲୋକଙ୍କ ଠାରୁ ଦୂରରେ ରହିବା ଉଚିତ। ଅଧିକ ସତସଙ୍ଗ କରିବା ଉଚିତ। ପାଣିରେ ମାଛ ଆନନ୍ଦରେ ରହିବା ପରି ରୁହ।

ଦୂରଦର୍ଶନର ପ୍ରଚାରକ କହିଲେ 'ବର୍ତ୍ତମାନ ଦିବସର ସମାପ୍ତି କରିବା ଉଚିତ। କାରଣ ସମୟ ସ୍ୱଳ୍ପ। ସମ + ଆପ୍ତି = ସମାପ୍ତି ବା ବ୍ରହ୍ମାନନ୍ଦ ପ୍ରାପ୍ତି। ଦର୍ଶକମାନେ ପରମାନନ୍ଦ ଲାଭର ସୁଖ ପାଇଛନ୍ତି। ପରବର୍ତ୍ତୀ କାର୍ଯ୍ୟକ୍ରମରେ ଏହାର ବିସ୍ତୃତ ପ୍ରସାରଣ ହେବ। ଆଜି ବିଦାୟ ଦିଅନ୍ତୁ। ଜୟହିନ୍ଦ।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,
ଦୂରଭାଷ : ୯୬୯୨୯୮୦୦୨୬

# ସ୍ୱର୍ଗତ ଡାକ୍ତର ଦାମୋଦର ରାଉତଙ୍କ ବିୟୋଗରେ .... ନୀରବି ଗଲା ନିର୍ଭୀକ ସ୍ୱର



ହିମାଂଶୁ ଶେଖର ଆଚାର୍ଯ୍ୟ

ଓଡିଶା ରାଜନୀତିର ପିତାମହଭିଷ୍ମ ତଥା ବିଜେଡିର ତୁଣ୍ଡ ଭାବେ ପରିଚିତ ବର୍ଷିୟାନ ରାଜନେତା ଡାକ୍ତର ଦାମୋଦର ରାଉତଙ୍କ ୮୩ ବର୍ଷ ବୟସରେ ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଗରାଇେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଶୁକ୍ରବାର ଭୋର ୫ଟା.୨୩ ମିନିଟ୍‌ରେ ସବୁଦିନ ପାଇଁ ଆଖିବୁଜିଦେଇଛନ୍ତି ସେ। ତାଙ୍କ ବିୟୋଗରେ ଜଗତସିଂହପୁର ଜିଲ୍ଲାବାସୀଙ୍କ ସମେତ ସାରା ରାଜ୍ୟ ସ୍ତବ୍ଧ। ତାଙ୍କ ବିୟୋଗରେ ଏକ ଯୁଗର ଅବସାନ ହେଲା। ରାଷ୍ଟ୍ରପତି ଦୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ପ୍ରମିଳା ମଲ୍ଲିକ୍ ସମେତ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ର ପିସିସି ସଭାପତି ଶରତ ପଟ୍ଟନାୟକ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର, ବିଧାୟକ ସୁରେଶ ରଉତରାୟ, ବରିଷ୍ଠନେତା ବିଜୟ ମହାପାତ୍ର, ପୂର୍ବତନମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ ଓ ପଞ୍ଚାନନ କାନୁନଗୋଙ୍କ ସହ ବହୁମନ୍ତ୍ରୀ ବିଧାୟକ ଓ ବରିଷ୍ଠ ନେତା ଡକ୍ତର ରାଉତଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି। ଏଥିରୁ ତାଙ୍କର ରାଜ୍ୟ ରାଜନୀତିରେ ଥିବା ପ୍ରଭାବ ଓ ଲୋକପ୍ରିୟତା ବାରି ହୋଇ ପଡୁଛି। ୧୯୪୨ ଜୁଲାଇ ୨ରେ ଜଗତସିଂହପୁର ଜିଲ୍ଲା ଏରସମ ବ୍ଲକର ମଲ୍ଲିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସ୍ୱର୍ଗତ କପିଳ ରାଉତଙ୍କ ଚାରିପୁଅ (ରାମଚନ୍ଦ୍ର, ଶ୍ୟାମସୁନ୍ଦର, ଦାମେଦର, ବାମଦେବ) ମଧ୍ୟରୁ ତୃତୀୟ ପୁଅ ଥିଲେ ଦାମୋଦର। ଶିକ୍ଷାଶେଷ ପରେ ଜଣେ ପ୍ରାଣୀଚିକିତ୍ସକ ଭାବେ କାର୍ଯ୍ୟ କରୁଥିବା ସମୟରେ ସେ ପ୍ରବାଦପୁରୁଷ ବିଜୁପଟ୍ଟାୟକଙ୍କ ସଂସ୍ପର୍ଶରେ ଆସିଥିଲେ। ବିଜୁବାବୁଙ୍କ ପରାମର୍ଶରେ ସେ ଚାକିରି ଛାଡି ସକ୍ରିୟ ରାଜନୀତିରେ ଯୋଗଦେଇଥିଲେ। ପ୍ରଥମଥର ପାଇଁ ୧୯୭୭ ମସିହାରେ ଓଡିଶା ବିଧାନସଭାକୁ ନିର୍ବାଚିତ ହେବା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ଏହା ପରେ ସେ ଆଉ ପଛକୁ ଫେରି ଚାହିଁନାହାଁନ୍ତି। ତାଙ୍କୁ କେବଳ ରାଜନୀତିକ ଦୃଷ୍ଟିଭଙ୍ଗୀରେ ଦେଖିଲେ ଚଳିବ ନାହିଁ। ତାଙ୍କ କଥା ଆଲୋଚନା କଲେ ଓଡିଶାର ରାଜନୀତି,ସାହିତ୍ୟ ଓ ସଂସ୍କୃତିର ବହୁ ଘଟଣାବହୁଳ ଚିତ୍ର ସ୍ମୃତି ପଟ୍ଟରେ ଉଙ୍କିମାରେ। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥିଲ। ସେ ଥିଲେ ଓଡିଶା ରାଜନୀତିର ଚଳନ୍ତି ଇତିହାସ। ଅତୀତ ଓ ଭବିଷ୍ୟତ ତାଙ୍କ ମୁହଁରେ ଥିଲା। ଅନେକ ସମୟରେ ସତ କହି ବିବାଦୀୟ ହୋଇ ପଡିଥିଲେ କିନ୍ତୁ ଅକାଟ୍ୟ ସତ କହିବାକୁ କେବେବି ପଛଘୁଞ୍ଚା ଦେଉନଥିଲେ। ଡାକ୍ତର ଦାମୋଦର ରାଉତଙ୍କ ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା। ୧୯୭୭ ମସିହାରୁ ୨୦୧୫ମସିହା ପର୍ଯ୍ୟନ୍ତ ପ୍ରାୟ ୪ଦଶନ୍ଧି ଧରି ସେ ଓଡିଶାର ରାଜନୀତିକୁ ପ୍ରଭାବିତ କରିଆସିଛନ୍ତି। ୧୯୭୭, ୧୯୮୦, ୧୯୯୦ଓ ୨୦୦୦,୨୦୦୪ ମସିହାରେ ଏରସମା ନିର୍ବାଚନ ମଣ୍ଡଳୀରୁ ଓଡିଶା ବିଧାନସଭାକୁ ୫ଥର ନିର୍ବାଚିତ ହୋଇ ବିଭିନ୍ନ ପର୍ଯ୍ୟାୟରେ ଓଡିଶା ସରକାରରେ ସୂଚନା ଓ ଲୋକ ସମ୍ପର୍କ ,ଶିଶୁ ବିକାଶ ,ପଞ୍ଚାୟତିରାଜ ମନ୍ତ୍ରୀ ଭାବେ କାର୍ଯ୍ୟକରି ନିଜର ଦକ୍ଷତାର ପ୍ରମାଣ ଦେଇଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ପରେ ୨୦୦୯ଓ ୨୦୧୪ ମସିହାରେ ନବ ଗଠିତ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରୁ ଲଗାତାର ୨ଥର ବିଧାନ ସଭାକୁ ନିର୍ବାଚିତ ହୋଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, କୃଷି, ସମବାୟ,ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ମନ୍ତ୍ରୀ ରହିଥିବା ବେଳେ ଏବେ ଅବକାରୀ ଓ ସମବାୟ ବିଭାଗର ମନ୍ତ୍ରୀ ଭାବେ ଗୁରୁଦାୟିତ୍ୱ ତୁଲାଇଥିଲେ। ବିଶେଷକରି ପଞ୍ଚାୟତିରାଜ ମନ୍ତ୍ରୀଭାବେ ତାଙ୍କ କାର୍ଯ୍ୟକୁଶଳତା ଏବେବି ଅନ୍ୟମାନଙ୍କପାଇଁ ଉଦାହରଣୀୟ ହୋଇ ରହିଛି ଓ ରହିଥିବ। ସେଥିପାଇଁ ଜାତୀୟସ୍ତରରେ ଶ୍ରେଷ୍ଠ ପଞ୍ଚାୟତିରାଜ ମନ୍ତ୍ରୀଭାବେ ସମ୍ମାନିତ ହେବା ତାଙ୍କ ଦକ୍ଷତା ଓ ପାରିବାପଣିଆର ଏକ ନିଛକ ନମୁନା। ୧୯୯୯ ମସିହାର ମହାବାତ୍ୟା ସମୟରେ ବାତ୍ୟା ଦୁର୍ଗତଙ୍କ ନିକଟରେ ପହଁଞ୍ଚିବା ଏବଂ ସେମାନଙ୍କୁ ଥଇଥାନ କରିବା ଓ ଜିଇଁବାର ରାହା ଦେବାରେ ତାଙ୍କର ଭୂମିକା ଉଚ୍ଚ ପ୍ରଶଂସନୀୟ। ସେତେବେଳେ ସେ ବିଧାୟକ ନଥିଲେ ମଧ୍ୟ ମାଟିର ଲୋକମାନଙ୍କ ପାଖେ ପାଖେ ରହି ସମସ୍ତ ସହେଯାଗ କରିଥିଲେ। ସେଥିପାଇଁ ଏରସମା ଓ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ଜନସାଧାରଣ ତାଙ୍କ ପାଖରେ ସଦା ଋଣୀ ହୋଇ ରହିବେ। ଦୀର୍ଘବର୍ଷର ରାଜନୈତିକ ଜୀବନ ମଧ୍ୟରେ ଡାକ୍ତର ରାଉତଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିନାହିଁ। ସାରା ଜୀବନ ସେ ଅଣକଂଗ୍ରେସ ରାଜନୀତିରେ ନିଜକୁ ସାମିଲ କରି ରଖିଥିଲେ। ସେ ନିଜର ସ୍ପଷ୍ଟ ବାଦିତା ଓ ସ୍ୱାଭିମାନ ବଜାୟ ରଖିବା ଯୋଗୁ ଅନ୍ୟନେତାଙ୍କ ରୋଷ, ରାଜନୈତି ଷଡଯନ୍ତ୍ରର ଶିକାର ହୋଇ ଅନେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିଥିଲେ। ତଥାପି ସେ ଭାଙ୍ଗି ପଡିନଥିଲେ। ତାଙ୍କ ନିର୍ଭୀକ ତୁଣ୍ଡ ସବୁବେଳେ ଚଳଚଞ୍ଚଳ ଥିଲା। ଏକ ବିଶେଷ ଘଟଣାକ୍ରମରେ ଭୁବନେଶ୍ୱର ସହିଦନଗରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗାଦିଚ୍ୟୁତ କରିବା ପାଇଁ ୨୦୧୨ ମେ ୨୯ ତାରିଖରେ ଚାଲିଥିବା ମଧ୍ୟରାତ୍ରୀ ଷଡଯନ୍ତ୍ରକୁ ବିଫଳ କରିବାରେ ଡାକ୍ତର ରାଉତ ପ୍ରମୁଖ ଭୂମିକା ନେଇଥିଲେ ଏପରିକି ଗୋଟିଏ ଆଞ୍ଚଳିକ ଦଳରେ ଦ୍ୱିତୀୟ କ୍ଷମତା କେନ୍ଦ୍ର କର୍କଟ ସଦୃଶ ବୋଲି କହିଥିଲେ। ଏପରିକି ଜଣେ ପୂର୍ବତନ ମନ୍ତ୍ରୀ ଏଭଳି ଟିପ୍ପଣୀରୁ ବିରତ ରହିବାକୁ କହିଥିଲେ ମଧ୍ୟ ସେ କହିଥିଲେ – ମୁଁ ସଜନା ଗଛ, ଭାଙ୍ଗିଯିବି ପଛେ ନଇଁବି ନାହିଁ। ଯାହା ତାଙ୍କ ସ୍ୱାଭିମାନର ପରିଚୟ ଦିଏ।

ଏବେ ଅଫେରା ରାଇଜରେ ଡାକ୍ତର ଦାମୋଦର ରାଉତ। ଜଣେ ବାଗ୍ମୀ, ବର୍ଷୀୟାନ ଓ ସ୍ୱାଭିମାନୀ ରାଜନେତା ଓ ଦରଦୀ ମଣିଷଙ୍କ ବିୟୋଗରେ ବିରାଟ ଶୂନ୍ୟତା। ସେ ଶୂନ୍ୟତା କେବେ ପୂରଣ ହେବ କେଜାଣି ? ସେ ସୁଦିନକୁ ଅପେକ୍ଷା ! ଏବେ ତାଙ୍କର ସୁଯୋଗ୍ୟପୁତ୍ର ବିଧାୟକ ସମ୍ବିତ ରାଉତରାୟ ଓ ସୁଯୋଗ୍ୟା କନ୍ୟା ପ୍ରୀତିନନ୍ଦା ରାଉତରାୟ ରାଜନୀତିରେ ସକ୍ରିୟ ଅଛନ୍ତି। ସେମାନେ ଡାକ୍ତର ରାଉତଙ୍କ ସ୍ୱପ୍ନକୁ ସାକାର କରିପାରିବେ ବୋଲି ସମସ୍ତେ ଆଶା ରଖିଛନ୍ତି।

ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ–୯୯୩୭୧୫୧୦୫୨

# ଖାଁ ଖାଁ ଧାରଣା ସ୍ଥଳ

**କିଶୋର ଚନ୍ଦ୍ର ବେହେରା**

ସାଧାରଣ ଜନତା ନିଜର ସ୍ୱାଭିମାନ ଓ ବଞ୍ଚିବାର ମୌଳିକ ଆବଶ୍ୟକତା ଯେତେବେଳେ କ୍ଷୁର୍ଣ୍ଣ ହୁଏ, ସେତେବେଳେ ସେ ଆନ୍‌ଦୋଳନ କରିବା ପାଇଁ ପଥ ବାଛି ନେଇ ଥାଏ। ପ୍ରତ୍ୟେକ ମନୁଷ୍ୟର ଜୀବନଟା ସଂଘର୍ଷ ପୂର୍ଣ୍ଣ ଓ ସମୟ ସାପେକ୍ଷ ହୋଇଥାଏ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିବା ପାଇଁ। ଯେତେବେଳେ ତା'ର ଆବଶ୍ୟକତା ନ୍ୟାର୍ଯ୍ୟ ପ୍ରାପ୍ୟ ଉପରେ କୁଠାର ଘାତ କରନ୍ତି ସରକାର କିମ୍ବା ବିରୋଧି ହୁଅନ୍ତୁ ସେତେବେଳେ ସେ ବାଧହୋଇ ଆନ୍‌ଦୋଳନ କରିବା ପାଇଁ ଆଗେଇ ଯାଇଥାଏ। ସେହି ଆନ୍‌ଦୋଳନ ତା' ପାଇଁ ଥାଏ ସାମ୍ବିଧାନିକ ନୀତି ନିୟମର କିଛି କଟକଣା କଣ୍ଟରୋଧ କରିଥାଏ ଆନ୍‌ଦୋଳନ କାରିଙ୍କୁ। ବିପ୍ଳବ ହିଁ ପରିବର୍ତ୍ତନର ନୂତନ ଅଧ୍ୟାୟ ସୃଷ୍ଟି କରିଥାଏ। ଯଦି ଆମ୍ଭର ଇତିହାସ ପୃଷ୍ଠାଟିକୁ ଓଲଟାଇବା ଓ ଅନୁଧ୍ୟାନ କରିବା ସେଥିରେ ପରିବର୍ତ୍ତନ ସୁନିଶ୍ଚିତ ହେବା ସହ ନୂତନ ଅଧ୍ୟାୟର ଅୟମାରମ୍ଭ ହୋଇଛି। ମଣିଷଟିଏ ବଞ୍ଚି ଥାଏ ତା'ର ସ୍ୱାଭିମାନ ଓ ସାମାଜିକ ନିରାପତ୍ତା କୁ ନେଇ ଆନ୍‌ଦୋଳନ କିମ୍ବା ଧାରଣା ଦେଇଥାଏ ନିଜର ନ୍ୟାର୍ଯ୍ୟ ଦାବି ପାଇଁ। ଯେତେ ସବୁ ଆନ୍‌ଦୋଳନ କିମ୍ବା ଧାରଣା ସମସ୍ତ ବ୍ୟବସ୍ଥା ମାନବକୃତ ଏଥି ପାଇଁ ଉଭୟ ଶାସକ ଓ ବିରୋଧୀଙ୍କ ଭୂମିକା ସମପରିମାଣରେ ଉତରଦାୟୀ। ଏହି ବିପର୍ଯ୍ୟସ୍ତ ବ୍ୟବସ୍ଥା ପାଇଁ ସରକାରଙ୍କ ଦାୟିତ୍ୱହୀନତା ପାଇଁ ଘଟଣା ମାନ ଘଟୁଛି ବୋଲି ବିରୋଧୀମାନେ ଫାଇଦା ଉଠାଇ ଥାନ୍ତି ନିଜର ମିଛ ପାରିବା ପଣିଆ ଦେଖାଇବା ପାଇଁ। ସେହି ଧାରଣ ସ୍ଥଳରେ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଆନ୍‌ଦୋଳନ କାରିଙ୍କ ପାଖରେ ପହଞ୍ଚି ନିର୍ଦ୍ଧାରିତ ଦାବି ସଂପର୍କରେ ନବୁଝି ନଜାଣି ସରକାରୀ ବିରୋଧୀ ମନ୍ତବ୍ୟ ରଖି ଆନ୍‌ଦୋଳନକାରିଙ୍କୁ ବିଭ୍ରାନ୍ତିକରି ସହଜ ସମାଧାନ ବାଟକୁ ସମୟସାପେକ୍ଷ କରିଥାନ୍ତି। ନିଜର ହକ୍ ପାଇଁ ବିଭିନ୍ନ ସଂଗଠନ ଜାତୀୟ ସ୍ତରରେ ଦିଲ୍ଲୀର ପ୍ରମୁଖ ଧାରଣା ସ୍ଥଳ ଜନ୍ତରମନ୍ତରରେ ଆନ୍‌ଦୋଳନର ସ୍ୱର ସୁବୁଥିଲାବଳେ , ଆମ୍ଭ ରାଜ୍ୟର ରାଜଧାନୀ ପବିତ୍ର ଗାନ୍ଧୀ ମାର୍ଗ ପ୍ରମୁଖ ଧାରଣା ସ୍ଥଳ। ରାଜନେତା , ମନ୍ତ୍ରୀ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ସରକାରୀ ବାସଭବନ ଗାନ୍ଧୀ ମାର୍ଗର ଦୁଇ ପାର୍ଶ୍ୱରେ ଅବସ୍ଥିତ। ଘରୁ ବାହାରିଲା କ୍ଷଣି ସମସ୍ତଙ୍କ ନଜର ଆନ୍‌ଦୋଳନ କାରିଙ୍କ ଉପରେ ପଡ଼ିଥାଏ। ବିଧାନ ସଭା ଅଧିବେଶନ ଚାଲିଥିଲା ବେଳେ ବିଭିନ୍ନ ସଂଗଠନର ଦାବି ଓ ନାରାବାଜିରେ କମ୍ପି ଥାଏ ଲୋୟର ପିଏମଜି। ଧାରଣାରତ ସଂଗଠନକୁ ବୁଝାସୁଝା କରିବା ଲାଗି ନାକେଦମ ହୋଇଯାନ୍ତି। ସାଧାରଣ ନିର୍ବାଚନ ଏକ ବର୍ଷ ପୂର୍ବରୁ ନିଜର ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ଆଗେଇ ଆସନ୍ତି ସରକାରଙ୍କ ଠାରେ ନିଜର ହକ୍ ପାଇଁ। ଏହି କ୍ରମରେ ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର କ୍ୟାଡ଼ର ପୁନର୍ଗଠନ ଦାବି ରିଖିଥିଲା ବେଳେ ଓଡ଼ିଶା ପରିବହନ କର୍ମଚାରୀ ସଂଘ ସାମାଜିକ ନିରାପତ୍ତା ଓ ମୁର୍ତ୍ୟୁକାଳୀନ ଅନୁକମ୍ପା ରାଶି ବୃଦ୍ଧି ନିମନ୍ତେ ଜିଦ୍ ଧରି ବସିଥିଲେ। ଆୟୁଷ ଡ଼ାକ୍ତରୀ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ସମସ୍ୟା ଓ ଉଚ୍ଚତର ଶିକ୍ଷା ନିମନ୍ତେ ବ୍ୟାଙ୍କ ଋଣ ସୁବିଧା ନିମନ୍ତେ ନିଜର ନ୍ୟାର୍ଯ୍ୟ ଦାବି ଗୁଡିକ ସରକାରଙ୍କ ନିକଟରେ ଉପସ୍ଥାପନ କରିଥିଲେ। ମିଳିତ ସାମ୍ବାଦିକ ସଂଘ ମହାମଞ୍ଚର ସ୍ୱିକୃତି ପ୍ରାପ୍ତ ସାମ୍ବାଦିକଙ୍କୁ ପେନସନ ସୁବିଧାର ସ୍ୱର ଉଠିଥିଲା। ଗାଁ ସାଥି ଠାରୁ ଆରମ୍ଭ କରି ଅଙ୍ଗନବାଡ଼ି ସହାୟିକା, ଆଶା କର୍ମୀମାନଙ୍କ ସହାୟତା ରାଶିକୁ ବୃଦ୍ଧି ନିମନ୍ତେ ସ୍ୱର ଉଠିଥିଲା ଧାରଣା ସ୍ଥଳରେ। ଅନେକ ସଂଗଠନ ମଧ୍ୟରେ ଶିକ୍ଷା ଓ ଶିକ୍ଷକ ସମସ୍ୟାର ସମାଧାନ ନିମନ୍ତେ ମହାତ୍ମା ଗାନ୍ଧୀମାର୍ଗରେ ୪୯୭ ଦିନ ଧରି ଆନ୍‌ଦୋଳନରେ ବସିଥିବା ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଅସନ୍ତୁଷ୍ଟ ହୋଇ ଘରକୁ ଫେରିଛନ୍ତି। ରାଜ୍ୟର ବିଭିନ୍ନ ଅନୁଦାନ ଏବଂ ଅଣ ଅନୁଦାନ ମହାବିଦ୍ୟାଳୟରେ ୨୦୦୮ ମସିହାରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ରାଜ୍ୟ ସରକାର ଅନୁଦାନ ପରିସରଭୁକ୍ତ କରନ୍ତୁ ବୋଲି ଦାବି କରିଆସୁଥିଲା ସଂଘ। କିନ୍ତୁ ସଂଘର ଦାବି ଶୁଣିଲେନି ସରକାର। ଶେଷରେ ନିରାଶ ହୋଇ ଘରକୁ ଫେରିବାକୁ ବାଧ୍ୟ ହୋଇଛନ୍ତି ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀମାନେ।

ଗତ କିଛି ଦିନ ତଳେ ଗହଳି ଥିଲା ଭୁବନେଶ୍ୱର ମହାତ୍ମା ଗାନ୍ଧୀମାର୍ଗ ଲୋୟର ପିଏମଜି ଦୃଶ୍ୟ ସରକାର ବିରୋଧୀ ନାରାବାଜିରେ ଉଠୁଥିଲା ପଡୁଥିଲା ଧାରଣା ସ୍ଥଳ। ହେଲେ ନିର୍ବାଚନ ଆଚରଣ ବିଧି ଲାଗୁହେଲା ପରେ ଶୁନଶାନ୍ ହୋଇଗଲାଣି ଭୁବନେଶ୍ୱର ଗାନ୍ଧୀମାର୍ଗ। ସମସ୍ତ ଅନୁଷ୍ଠାନ ଘରକୁ ଫେରିଗଲେଣି ହତାସ ଓ ହତୋତ୍ସାହିତ ହୋଇ ତଥାପି ଆଶାବି ମଉଳି ଯାଇନାହିଁ ପୁଣି ଅନୁରୋଧ କରିବାକୁ ଆସିବେ ନୂଆ ସରକାରଙ୍କ ନିକଟରେ। ଆନ୍‌ଦୋଳନ କାରୀ ନଥିବାରୁ ସୁରକ୍ଷା କର୍ମୀଙ୍କ ସଂଖ୍ୟା ଆପାତତଃ ହ୍ରାସ ପାଇଛି। ଶୁଣିବାକୁ ମିଳୁନି ସରକାରୀ ବିରୋଧୀ ନାରା କିମ୍ବା ଆନ୍‌ଦୋଳନ କରିବା ପାଇଁ ଏକତ୍ରିତ ହେଉନାହାନ୍ତି କଂଗ୍ରେସର ଭବନ ନିକଟରେ। ଭୁବନେଶ୍ୱର ମାହାତ୍ମା ଗାନ୍ଧୀ ମାର୍ଗରେ ଧାରଣା ହେଲେ ଜମି ଉଠେ ଉଠା ଦୋକାନୀଙ୍କ ଭିଡ। ଭଲ ଦି ପଇସା ରୋଜଗାର ହୁଏ ଏବଂ ନିଜ ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ସକ୍ଷମ ହୁଅନ୍ତି। କିନ୍ତୁ ଆନ୍‌ଦୋଳନକାରୀ ନଥିବାରୁ ଉଠା ଦୋକାନୀଙ୍କର ଦେଖାନାହିଁ, ସତେ ଯେପରି ଅପରିଚିତ ହୋଇଯାଇଛି ଏହି ପବିତ୍ର ଗାନ୍ଧୀ ମାର୍ଗ। ଧାରଣା ସ୍ଥଳ ଏବେ ଖାଁ ଖାଁ ଏବଂ ଶୁନଶାନ୍।

ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ମୋ:୯୪୩୭୯୫୫୫୬୮

# ଓହୋଃ,କି ଗରମରେ ବାବା !!!



ଭାସ୍କର ବାରିକ୍

ଶୀତ କେଇଦିନ ପାଇଁ କୁଣିଆ ଭଳି ଆସି ବିଦାୟ ନେଲା। ଶୀତ ପରେ ପ୍ରକୃତିର ନିୟମ ଅନୁସାରେ ଋତୁ ଚକ୍ରରେ ଆସିବା କଥା ବସନ୍ତ। ଆମ୍ବ ଗଛ ଡାଳରେ ଡେଇଁ ଡେଇଁ କୋଇଲି ଗାଇବା କଥା ସାତସୁରେ ମନ ମତାଣିଆ କୁହୁ କୁହୁ ସ୍ୱର। କିନ୍ତୁ କାହିଁ ? ଋତୁ ଚକ୍ରରେ ବିରାଟ ପରିବର୍ତ୍ତନ। ଫେବୃଆରୀ ମାସରୁ ଡହ ଡହ ତତଲା ଖରା। ସବୁ ଲୋକମାନଙ୍କ ପାଟିରୁ ବାହାରୁଛି, ଓହୋଃ କି ଖରା,କି ଗରମ ରେ ବାବା। ଗମ୍ ଗମ୍ ଝାଳରେ ଅଣନିଃଶ୍ୱାସୀ ଜୀବନ। ତାତି ଯାଉଛି ଦେହ ଉତ୍ତାପରେ। ମୁହଁ ପୋଡ଼ି ଯାଉଛି ଗରମରେ। ଅସ୍ତବ୍ୟସ୍ତ ଜୀବନ ଖୋଜୁଛି ଟିକେ ଥଣ୍ଡା ପବନ ଓ ଶୀତଳ ଛାଇ ଖରା ଦାଉରୁ ରକ୍ଷା ପାଇବାପାଇଁ। ପାଉଛି କି ? କେମିତି ବା ପାଇବ। ନିଜର ଗୋଡ଼ରେ ନିଜେ ଜାଣିଶୁଣି କୁରାଢି ଚୋଟ ବସେଇ ଚିତ୍କାର କଲେ କିଛି ଲାଭ ମିଳିବନି। ଏହା ମିଛୁଆ ରାଧୁଆ ଗପ ଭଳି ସାବ୍ୟସ୍ତ ହେବ। ରକ୍ତ ଝରିବା ବନ୍ଦ କରିବା ଓ ଘାଆ ଶୁଖିବା ପାଇଁ ଡାକ୍ତରଖାନା ଯାଇ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ଜରୁରୀ। ଠିକ୍ ସେହିପରି ଯାହା ପାଇଁ ପୃଥିବୀ ପୃଷ୍ଠରେ ଜୀବନ ଧାରଣ କରୁଛ, ସେହି ପ୍ରକୃତିକୁ ଅଣଦେଖା କଲେ, କ୍ଷତ ବିକ୍ଷତ କଲେ , ଫଳ ତ ଭୋଗିବାକୁ ହେବ। ସମଗ୍ର ପୃଥିବୀର ୭୧ ଭାଗ ଜଳ ଓ ୨୯ ଭାଗ ସ୍ଥଳଭାଗ। ଏହି ୨୯ ଭାଗ ସ୍ଥଳଭାଗରୁ ୩୩ ଭାଗ ଜଙ୍ଗଲ ରହିବା କଥା। ମାତ୍ର କେତେ ଅଛି ? ତିରିଶି ଭାଗରୁ ଆହୁରି କମ୍। ଜଙ୍ଗଲ ସୁରକ୍ଷା ପାଇଁ ଚିନ୍ତା ନାହିଁ। ହଜାର ହଜାର ଏକର ଜଙ୍ଗଲ ପ୍ରତିବର୍ଷ ନିଆଁର ଆଁରେ ପାଉଁଶ ହେଉଛି। ନିର୍ଦ୍ଧୁମ ବେଖିଆଲି ମନ ନେଇ ସବୁଜିମାକୁ ଧ୍ୱଂସ କରା ଯାଉଛି। ପୋଡୁ ଚାଷ ନାମରେ ସଫା ହେଉଛି ଜଙ୍ଗଲ। ନୂଆ ନୂଆ କଳକାରଖାନା ତିଆରି ପାଇ ସବୁଜିମା ବଳି ପଡୁଛି। ରାସ୍ତା ଓସାରିଆ କରିବା ପାଇଁ ସଡ଼କ କଡ଼ରେ ଥିବା ବଡ଼ ବଡ଼ ଗଛକୁ କାଟି ପରିଷ୍କାର କରା ଯାଉଛି। ଭଲ ଦାମିକା ବଡ଼ ବଡ଼ ଗଛକୁ କାଟି ଚାଲୁଛି ଚୋରା କାରବାର ଜଙ୍ଗଲ ମାଫିଆ ମାନଙ୍କ ଦ୍ୱାରା। ଦୈବ ଦୁର୍ବିପାକରେ ବି କିଛି ଗଛ ଜୀବନ ହାରୁଛନ୍ତି। ଏଥିପାଇଁ ବିଶ୍ୱ ତାପମାତ୍ରାରେ ଅହେତୁକ ବୃଦ୍ଧି ଓ ତାହାର କୁପ୍ରଭାବ ସମସ୍ତଙ୍କ ଉପରେ। ଗ୍ରୀଷ୍ମକାଳୀନ ଋତୁରେ ତାପମାତ୍ରା ପଚାଶ ଡିଗ୍ରୀ ଛୁଇଁ ଯାଉଛି କେତେକ ସ୍ଥାନରେ। ଜୀବନ ସନ୍ତୁଳି ହେଉଛି ତତଲା କରେଇରେ। ଅସହ୍ୟ ତାତିରେ ଜୀବନ ଦୂର୍ବିସହ। ଯେତିକି ପ୍ରକୃତିର ଦାନ ଆମେ ନଷ୍ଟ କରୁଛେ, ସେହି ପରିମାଣରେ ନୂତନ ଜଙ୍ଗଲ ସୃଷ୍ଟି କରୁଛେ କି ??? ଜଙ୍ଗଲ ଭିତରେ ରହୁଥିବା ପଶୁ ପକ୍ଷୀ ଏବେ ଜଙ୍ଗଲ ଛାଡ଼ି ମଣିଷ ବାସସ୍ଥାନ ମୁହାଁ। ହାତୀ, ଭାଲୁ, କେତେକ କ୍ଷେତ୍ରରେ ବାଘ ଜଙ୍ଗଲ ପାଖାପାଖି ଗାଁରେ ବିଚରଣ କରୁଥିବା ଓ ସୁଯୋଗ ଦେଖି ଗୃହପାଳିତ ପଶୁ ଓ ମଣିଷଙ୍କୁ ଆକ୍ରମଣ କରୁଥିବା ଖବର ପ୍ରକାଶ ପାଉଛି। ଆମେ ଯଦି ସେମାନଙ୍କ ବାସସ୍ଥଳୀକୁ ନଷ୍ଟ କରିବା, ସେମାନେ ରହିବେ କେଉଁଠି, ଖାଇବେ କ'ଣ ,ବଂଚିବେ କେମିତି। ସେମାନଙ୍କୁ ତ ପେଟପାଇଁ ବାହାରକୁ ଆସିବାକୁ ଆମେ ବାଦ୍ଧ୍ୟ କରୁଛୁ। ପ୍ରକୃତିର ସନ୍ତୁଳନ ରହିବ କେମିତି ??? ଆତ୍ମ କୈନ୍ଦ୍ରିକ ହୋଇ ଖାଲି ନିଜ କଥା ଭାବିଲେ କେମିତି ହେବ ? ଲୋକସଂଖ୍ୟା ହୁ ହୁ ହୋଇ ବଢ଼ି ଚାଲିଛି। ଚାଷଜମି ପୋତି ତିଆରି ହେଉଛି କଂକ୍ରିଟ ଜଙ୍ଗଲ। ମାଟି ତଳ ଜଳସ୍ତର ଦ୍ରୁତ ଗତିରେ ହ୍ରାସ ପାଇ ଚାଲିଛି। ପ୍ରକୃତି ସମସ୍ତଙ୍କର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଯଥେଷ୍ଟ ଦେଇଛି, କିନ୍ତୁ ଅବିବେକି ମଣିଷର ଲୋଭକୁ ପ୍ରକୃତି କେବେବି ମେଣ୍ଟେଇବା ସମ୍ଭବ ନୁହେଁ। ଆମେ ଅହଂଙ୍କାରୀ,ଅତ୍ୟଧିକ ସ୍ୱାର୍ଥପର ସୁବିଧାବାଦୀ ହୋଇ ଲୋଭରେ ବଶବର୍ତ୍ତୀ ହେଲେ , ପାପର ସବୁ ସୀମା ଡେଇଁଲେ, ପରିସ୍ଥିତି ନିୟନ୍ତ୍ରଣାଧୀନ ବାହାରକୁ ଯିବ ହିଁ ଯିବ। ଆମେ ବଂଚିବା ପାଇଁ, ଆମର ନିଶ୍ୱାସ ପ୍ରଶ୍ୱାସ ପାଇଁ ଅମ୍ଳଜାନର ଆବଶ୍ୟକତା ଜଙ୍ଗଲ ପୂରଣ କରୁଛି। ଅମ୍ଳଜାନ ବିନା ମଣିଷ ଜୀବନ ଜିଇଁବା ଅସମ୍ଭବ। ତେଣୁ ବୃକ୍ଷ ହିଁ ଈଶ୍ୱର। ଗଛଲତା ବିନା ଛାଇ ନାହିଁ, ଫୁଲ ନାହିଁ,ଫଳ ନାହିଁ , ସବୁଜିମା ନାହିଁ , ସୌନ୍ଦର୍ଯ୍ୟ ନାହିଁ , କିଛି ନାହିଁ। ଜୀବନ ସାହାରା ମରୁଭୂମିର ଡହ ଡହ ତତଲା ବାଲି ପରି। କିନ୍ତୁ ଦୂର୍ଭାଗ୍ୟ ଆମେ ସେହି ବୃକ୍ଷ ରୂପକ ଈଶ୍ୱରଙ୍କ ସୁରକ୍ଷା ସେବା ପରିବର୍ତ୍ତ? , ମନଇଛା ନଷ୍ଟ କରି ଚାଲିଛୁ। ବୃକ୍ଷ ଗାଡ଼ି ମଟର, କଳକାରଖାନା, ଖଣି ଖାଦାନରୁ ବାହାରୁଥିବା ସମସ୍ତ ବିଷ ଓ ଅଙ୍ଗାରକାମ୍ଳ ଭଳି ବିଷାକ୍ତ ଗ୍ୟାସ କୁ ବାୟୁମଣ୍ଡଳରୁ ନୀଳକଣ୍ଠଙ୍କ ପରି ଶୋଷି ନେଇ ପରିବେଶକୁ ପରିଷ୍କାର ରଖେ ଓ ମଣିଷ ସହିତ ସମସ୍ତ ଜୀବଜନ୍ତୁଙ୍କୁ ରକ୍ଷା କରେ। ଯତ୍ନ ନିଏ ସୁନ୍ଦର ସୃଷ୍ଟିର ମାଆ ପରି। ଜଙ୍ଗଲ ନାହିଁ ତ ବର୍ଷା ନାହିଁ। ବର୍ଷା ନାହିଁ ତ ଜଳ ନାହିଁ। ଜଳ ନାହିଁ ତ ଜୀବ ସତ୍ତା ନାହିଁ। ସେଥିପାଇଁ କୁହାଯାଏ ଜଳ ହିଁ ଜୀବନ। ସବୁ ସମସ୍ୟାର ସମାଧାନ ହେଉଛି ଜଙ୍ଗଲ ସୁରକ୍ଷା ସହିତ ନୂତନ ଜଙ୍ଗଲ ସୃଷ୍ଟି। ଆମେ ଯଦି ଅନ୍ତତଃ ତିରିଶି ବର୍ଷ ତଳକୁ ଫେରିଯିବା, ମନେ ପକେଇ ପାରିବା , ସେତେବେଳେ ଥିଲାକି ଏତେ ଅସହ୍ୟ ତାପପ୍ରବାହ ? ନିଶ୍ଚିତ ନୁହେଁ। ବଜ୍ରପାତରେ ଲୋକ ମରନ୍ତି , କିନ୍ତୁ ପ୍ରଚଣ୍ଡ ରୌଦ୍ରତାପରେ ମରିବା ବୋଧହୁଏ ୧୯୯୯ ରୁ ୨୦୦୦ ମସିହାରେ ଆରମ୍ଭ ହେଲା। ସନ୍ ଷ୍ଟ୍ରୋକ କ'ଣ ଲୋକମାନେ ଜାଣିଲେ। ତା'ପରେ ସରକାର ଏଡଭାଇଜରି ଜାରି କଲେ ଦିନ ଏଗାରଟା ପରେ ଖରାକୁ ନବାହାରିବା ପାଇଁ। ଅତି ଜରୁରୀ କାମ ପଡ଼ିଲେ, କଳା ଚଷମା, ଛତା ଓ ପାଣି ବୋତଲ ନେଇ ବାହାରକୁ ସତର୍କତାର ସହିତ ଯିବା ପାଇଁ। ମୋର ମନେ ଅଛି ମାଗୁଣି ଭାଇ ବୋଲି ଜଣେ ସରଳ ଅମାୟିକ ଭଲ ମଣିଷ ଥିଲେ ଆମ ଗାଁରେ। ବୃତ୍ତିରେ ଜଣେ କୃଷକ। ତିନି ପୁଅ ଓ ଗୋଟିଏ ଝିଅକୁ ନେଇ ସୁଖଦୁଃଖର ଗରୀବ ସଂସାର। ସବୁଦିନ ପରି ସେଦିନ ବି ସେ ହଳ ଲଙ୍ଗଳ ନେଇ ବିଲକୁ ଯାଇଥିଲେ। କିନ୍ତୁ ଆଉ ଘରକୁ ଫେରିଲେନି। ଯେତେବେଳେ ଗ୍ରୀଷ୍ମର ତାତି ଅସହ୍ୟ ହୋଇଛି,ସେ ହଳ କରିବା ବନ୍ଦକରି ବଳଦ ଦୁଇଟିକୁ ଖୋଲି ଦେଇଛନ୍ତି ଚରିବା ପାଇଁ। କାନ୍ଧରେ ଲଙ୍ଗଳ ଜୁଆଳି ଅଛି। ହଳ କରୁଥିବା ବିଲରୁ କିଛି ବାଟ ଆସି ମୁହଁ ମାଡ଼ି ତଳେ ପଡ଼ି ଯାଇଛନ୍ତି,ଆଉ ଉଠି ପାରି ନାହାଁନ୍ତି। ଜୀବରୁ ଆତ୍ମା ବାହୁଡି ଯାଇଛି ଅସହ୍ୟ ତାତିରେ। ଚରି ଚରି ବଳଦମାନେ ଘରେ ପହଞ୍ଚିଲେ, କିନ୍ତୁ ହଳ କରୁଥିବା ମାଗୁଣି ଭାଇ ଘରକୁ ନଫେରିବାରୁ, ଘରଲୋକ ଖୋଜି ଖୋଜି ଆସି ଦେଖିଲା ବେଳକୁ ଏମିତି ଅବସ୍ଥା। ଚହଳ ପଡ଼ିଗଲା ସବୁଠି। ଡ଼ାକ୍ତରଖାନା ନିଆଗଲା ମନ ବୁଝେଇବା ପାଇଁ। ଡାକ୍ତର ବାବୁ ଦେଖିଲେ ଓ ସବୁକଥା ଶୁଣିଲା ପରେ ସନ୍ ଷ୍ଟ୍ରୋକରେ ମୃତ୍ୟୁ ହୋଇଛି ବୋଲି କହିଲେ। ବୋଧହୁଏ ପ୍ରଥମକରି ଏମିତି ଏକ ମର୍ମନ୍ତୁଦ ଘଟଣା ଘଟିଥିଲା ସେ ଅଞ୍ଚଳରେ। ତା'ପରେ ସମସ୍ତେ ସତର୍କ। ଯିଏ ଯେଉଁ କାମ କରୁ ଥାଉନା କାହିଁକି ଦିନ ସାଢ଼େ ଦଶଟାରୁ ଏଗାରଟା ଭିତରେ କାମ ଛାଡ଼ି ଜୀବନ ବିକଳରେ ଘରେ ହାଜର। ଏମିତି ଅବସ୍ଥା ପାଇଁ ଆମେ ନୈତିକ ଦାୟିତ୍ୱ ନିଜର ମୁଣ୍ଡ ଉପରକୁ ନେବା ଉଚିତ୍ ନୁହେଁ କି ? ଏ ଜଟିଳ ଗମ୍ଭୀର ସମସ୍ୟାକୁ କେମିତି ସମାଧାନ କରାଯାଇ ପାରିବ, ସେ ବିଷୟରେ ଗଭୀର ଭାବରେ ଆମେ ଚିନ୍ତା କରିବାର ଅଛି ନା ନାହିଁ ? ଆମ ଭୁଲ୍ ପାଇଁ ଓଜୋନ ସ୍ତରରେ ବିରାଟକାୟ ଫାଟ। ସୂର୍ଯ୍ୟଙ୍କର ଅତି ବାଇଗଣି ରଶ୍ମି ସିଧାସଳଖ ପୃଥିବୀ ଉପରେ ପଡୁଛି ଯାହା ଚର୍ମରୋଗ ଓ ଚର୍ମ କ୍ୟାନ୍ସର ଭଳି ଦୁଃସାଧ ସମସ୍ୟା ସୃଷ୍ଟି କରୁଛି। ଦେହ ଜଳି ପୋଡ଼ି ଗଲା ଭଳି ଲାଗୁଛି। ସକଳ ଶକ୍ତିର ଆଧାର ହେଉଛନ୍ତି ସୂର୍ଯ୍ୟଦେବତା। ଆଜି କାହିଁକି କୋପାନଳେ ସେହି ଦେବତା ଜର୍ଜରିତ। ସୃଷ୍ଟି ସର୍ଜନାର ମୂଳ କେନ୍ଦ୍ର ଆଜି ମଣିଷ ସହିତ ସମସ୍ତ ଜୀବଜନ୍ତୁଙ୍କୁ ଜଳେଇ ଚାଲିଛନ୍ତି ଗ୍ରୀଷ୍ମକାଳରେ। ଏମିତି କାହିଁକି ହେଲା ? ଜଳବାୟୁରେ ଅସନ୍ତୁଳନତା। ବର୍ଷା ଜଳ ଅଭାବରୁ ଅନେକ ସ୍ଥାନରେ ମରୁଡ଼ି ଭଳି ଉତ୍କଟ ସମସ୍ୟା। ଗ୍ରୀଷ୍ମକାଳୀନ ଋତୁରେ ପିଇବା ପାଣି ପାଇଁ ଅନେକ ଲୋକ ଡହଳବିକଳ। ନଳକୂପରୁ ପାଣି ବାହାରୁନି। ଯେଉଁ ନଳକୂପରୁ କିଛି ପାଣି ବାହାରୁଛି, ସେଇଠି ରାତିରୁ ପାଣି ପାଇଁ ଗରା, କଳସୀ ଧରି ଲମ୍ବା ଧାଡି। ବର୍ଷା ଦିନେ ବର୍ଷା ନାହିଁ। ଅଦିନରେ ବନ୍ୟା। ଏସବୁ ପାଇଁ ମଣିଷ ଦାୟୀ ନୁହେଁ ତ କ'ଣ ବାଘ ଭାଲୁ ଦାୟୀ ? ଯେମିତି କୁକର୍ମ କରିବା, ସେମିତି ଫଳ ପାଇବା। ସବୁକିଛି ଆମ ହାତ ପାହାନ୍ତାରୁ ନିୟନ୍ତ୍ରଣ ବାହାରକୁ ଯିବା ପୂର୍ବରୁ ଆମକୁ ଅତ୍ୟନ୍ତ ସତର୍କ ହେବା ଜରୁରୀ। କେମିତି ପଶୁ ପକ୍ଷୀ ମଣିଷ ଭଲରେ ଜୀବନଯାପନ କରି ପାରିବେ, ସେ ବିଷୟରେ ଚିନ୍ତା କରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଅତ୍ୟନ୍ତ ଜରୁରୀ। ଏ ସୁନ୍ଦର ସବୁଜ ସଭ୍ୟତା ସୃଷ୍ଟି ହୋଇଥିଲା ଜଙ୍ଗଲ ଭିତରୁ। ଲଙ୍ଗଳା ହୋଇ ବାନର ବେଶରେ ମଣିଷ ବୁଲୁଥିଲା ଜଙ୍ଗଲରେ। ଜଙ୍ଗଲ ଦେଉଥିଲା ସୁରକ୍ଷା। ବାନର ରୂପୀ ମଣିଷ ଖାଉଥିଲା ଗଛର ଫଳମୂଳ। କାଳକ୍ରମେ ଶିକାର ଶିଖିଲା, ନିଆଁର ବ୍ୟବହାର ଶିଖିଲା, ଗଛର ପତ୍ର ଓ ବକଳ ପିନ୍ଧିଲା ଓ ପୂର୍ଣ୍ଣାଙ୍ଗ ମଣିଷରେ ପରିଣତ ହେଲା। ମୋର କହିବାର ଅର୍ଥ ସଭ୍ୟତା ଆରମ୍ଭ ହୋଇଥିଲା ଜଙ୍ଗଲ ପରିବେଶରୁ। ଆମେ ଏମିତି କିଛି ଆଉ ଭୁଲ୍ କରିବାନି ଯାହା ଦ୍ୱାରା ସବୁଜ ସଭ୍ୟତା ଝାଉଁଳି ଯିବ ତତଲା ନିଆଁ ପରି ଡହ ଡହ ଖରାରେ ଓ ଲୋପ ପାଇଯିବ ସବୁକିଛି ପ୍ରଚଣ୍ଡ ରୌଦ୍ରତାପରେ। ବେଳ ଥାଉ ଥାଉ କାନ୍ଧରେ କାନ୍ଧ ମିଶେଇ ସୁନ୍ଦର ସୃଷ୍ଟିର ସୁରକ୍ଷା ପାଇଁ ଜାଗ୍ରତ ପ୍ରହରୀ ଭଳି କାମ କରିବା। ମୃତ୍ୟୁ ପଥରେ ଅନ୍ଧ ଭାବରେ ଅଗ୍ରସର ହୋଇ ଆମେ ମରୁଭୂମିର ତତଲା ମଶାଣିରେ ସବୁଦିନ ପାଇଁ ଶୋଇଯିବା ନା ଠିକ୍ ରାସ୍ତାରେ ଚାଲି ସବୁ ଋତୁ ପୂର୍ବ ଅବସ୍ଥାକୁ ଫେରେଇ ଆଣିବାର ବନ୍ଦୋବସ୍ତ କରିବାର ବାଟ ଖୋଜି ଶାନ୍ତିରେ ରହିବା, ତାହା ନିର୍ଭରଶୀଳ ପୃଥିବୀର ଶ୍ରେଷ୍ଠ ଜୀବ ଉପରେ। ତେଣୁ ପ୍ରଚଣ୍ଡ ଖରାରେ ଜଳିପୋଡ଼ି ଯିବା ପୂର୍ବରୁ ଆବଶ୍ୟକତା ମୁତାବକ ତୁରନ୍ତ ପଦକ୍ଷେପ ନେଇ, ଅତୀତର ଶାନ୍ତ ମଳୟକୁ ଆହ୍ୱାନ କରିବା ଓ ଆଉ କହିବାନି, ଓହୋଃ,କି ଗରମରେ ବାବା।

*ବାସୁଦେବପୁର,ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*




## ଲୋକସଭା ନିର୍ବାଚନ ଲଢ଼ିବାକୁ ମୋ ପାଖରେ ଟଙ୍କା ନାହିଁ କହିଲେ ନର୍ମଳା ସୀତାରମଣ



ନୂଆଦିଲ୍ଲୀ, (ପି.ଏନ): ଲୋକସଭା ନିର୍ବାଚନ ଲଢ଼ିବାକୁ ବିଜେପି ଅଫର ଦେଇଥିଲା। କିନ୍ତୁ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ଯେଉଁ ଭଳି ପାଣ୍ଠି ଦରକାର ତାହା ନଥିବାରୁ ବେଶ ବିନମ୍ର ସହ ସେ ଦଳର ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଥିବା ଆଜି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ତାଙ୍କୁ ଆନ୍ଧ୍ର ପ୍ରଦେଶ କିମ୍ବା ତାମିଲନାଡୁରୁ ଲୋକସଭା ନିର୍ବାଚନ ଲଢ଼ିବାକୁ ପ୍ରସ୍ତାବ ଦେଇଥିଲେ ବୋଲି ନିର୍ମଳା କହିଛନ୍ତି। ସେ କହିଛନ୍ତି, "ପ୍ରସ୍ତାବ ମିଳିବା ପରେ ମୁଁ ପ୍ରାୟ ୭ରୁ ୧୦ ଦିନ ଚିନ୍ତା କରିଥିଲି। ଏହାପରେ ମୋ ଉତ୍ତର ଥିଲା ସମ୍ଭବତଃ ନା।

## ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢ଼ିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ପିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ। ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତ୍ତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ। ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି। ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି। ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି। ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି। ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କର୍ଣ୍ଣବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟରେ ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧୋଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଈ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ମୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରଭ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପଳାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଳାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି । ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଠକ୍ଷଷ୍ୱ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶାକରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି।

## ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

## ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୂଚାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ଯସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମ୍ବୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୂଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟାର୍ଥୀର ଦୁଆର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଝ ଶେଷରେ ଜଗବନ୍ଧୁ ମୃଦୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ।


## ସରସ୍ୱତୀ ଶିଶୁ ମନ୍ଦିର ତୁଳସୀପୁର

ସା-ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ବିହାର, ପୋ- ତୁଳସୀପୁର, ବ୍ଲକ -ବାଙ୍କୀ , ଜି -କଟକ

(ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଶିକ୍ଷାବିକାଶ ସମିତି ଓଡିଶା ସହବନ୍ଧିତ)

ଓଡ଼ିଶା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ନଂ-୧୪୨/୨୦୨୨

**ନାମଲେଖା ବିଜ୍ଞାପନ**

ଏତଦ୍ୱାରା ସର୍ବ ସାଧାରଣଙ୍କୁ ସୂଚିତ କରାଯାଉଛି କି ଆମ୍ଭ ଅନୁଷ୍ଠାନରେ ୨୦୨୪-୨୦୨୫ ଶିକ୍ଷାବର୍ଷ ପାଇଁ ନୂତନ ନାମଲେଖା ଆସନ୍ତା ତା ୧.୪.୨୦୨୪ରିଖ ଠାରୁ ଆରମ୍ଭ ହେବ। ଏଥିରେ ଆଗ୍ରହୀ ଛାତ୍ରଛାତ୍ରୀ/ଅଭିଭାବକ ମଧ୍ୟରେ ଆବେଦନ କରି ପାରିବେ। ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଅନୁଯାଇ ପ୍ରଥମ ଶ୍ରେଣୀରେ ପ୍ରବେଶ କ୍ଷମତାର ୨୫% ସ୍ଥାନ ସୁବିଧାରୁ ବଂଚିତ ଶ୍ରେଣୀ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଶିଶୁଙ୍କ ପାଇଁ ନିଃଶୁଳ୍କ ଶିକ୍ଷା ନିମିତ୍ତ ସଂରକ୍ଷିତ ରହିଛି। ସରକାରୀ ନିର୍ଦ୍ଦେଶ ଅନୁଯାଇ ଆଗ୍ରହୀ ଛାତ୍ରଛାତ୍ରୀ/ଅଭିଭାବକ ଓଡ଼ିଶା ସରକାରଙ୍କ ୱେବସାଇଟ -https:/ rteparadarshi.odisha.gov.in ପରିଦର୍ଶନ କରି ଅନଲାଇନ ରେ ନାମ ପଞ୍ଜିକରଣ କରି ସୁବିଧା ହାସଲ କରିପାରିବେ। ଏଥିରେ ଅଧିକ ସୂଚନା ପାଇବା ପାଇଁ ଶିଶୁମନ୍ଦିର କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ।

ପ୍ରଧାନ ଆଚାର୍ଯ୍ୟ /ସମ୍ପାଦକ




## ଜୟୀ ରାଜଗୁରୁଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ

ଖୋର୍ଦ୍ଧା (ପିଏନ୍): ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ସହୀଦ, ମହାନ ବିପ୍ଳବୀ, ଓଡିଆ ଜାତିର ଅସ୍ମିତା, ବୀରତ୍ୱର ପ୍ରବାଦପୁରୁଷ ଭାବେ ପରିଚିତ ଜୟୀ ରାଜଗୁରୁଙ୍କ ତମ ଜୟନ୍ତୀ ଉତ୍ସବ ସାମାଜିକ ଅନୁଷ୍ଠାନ ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଗଡଖୋର୍ଦ୍ଧା ଛକ ସ୍ଥିତ ପଂଚପାଇକ ପୀଠ ପରିଷ୍କାର ସହ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ 'ପାଇକ ବିଦ୍ରୋହ ସଂଗ୍ରାମରେ ଜୟୀ ରାଜଗୁରୁ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗ ଦେଇ କହିଲେ ଯେ, ଜୟୀ ରାଜଗୁରୁଙ୍କ ବୀରତ୍ୱ, ଗାରିମା, ଦେଶପ୍ରେମ ଅତୁଳନୀୟ। ତିଥି ଅନୁସାରେ ପବିତ୍ର ଅଁଳା ନବମୀରେ ଏହି ମହାନ ସ୍ୱାଧିନତା ସଂଗ୍ରାମୀ ଜନ୍ମଗ୍ରହଣ କରିଥିଲେ। ଜୟୀ ରାଜଗୁରୁଙ୍କ ପ୍ରକୃତ ନାମ ଜୟକୃଷ୍ଣ ରାଜଗୁରୁ ମହାପାତ୍ର। ସେ ଖୋର୍ଦ୍ଧା ଗଜପତି ମୁକୁନ୍ଦଦେବ ଦ୍ୱିତୀୟଙ୍କ ରାଜଦରବାରରେ ରାଜଗୁରୁ ସହ ସେନାବାହିନୀର ମଧ୍ୟ ମୁଖ୍ୟ ଥିଲେ। ପୁରୀ ଜିଲାର ବୀରହରେକୃଷ୍ଣପୁର ଗ୍ରାମରେ ଚାନ୍ଦ ରାଜଗୁରୁ ଓ ମାତା ହାରାମଣି ଦେବୀଙ୍କ ଔରସରୁ ଜାତ ଜୟୀ ପିଲାବେଳୁ ସ୍ୱାଧିନଚେତା ଏବଂ ନିର୍ଭୀକ ଥିଲେ। ମୁକୁନ୍ଦଦେବ ଦ୍ୱିତୀୟ ନାବାଳକ ରାଜା ଥିବାରୁ ସମସ୍ତ ରାଜକାର୍ଯ୍ୟରେ ଗଜପତିଙ୍କୁ ସହଯୋଗ କରୁଥିଲେ। ବ୍ରିଟିଶମାନେ ଓଡ଼ିଶାରୁ ମରହଟାମାନଙ୍କୁ ହଟାଇବା ପାଇଁ ଖୋର୍ଦ୍ଧା ରାଜାଙ୍କ ସହାୟତା ଲୋଡିଥିଲେ। ପ୍ରତିଦାନସ୍ୱରୂପ ମରହଟାମାନେ ଗଜପତିଙ୍କଠାରୁ ଛଡାଇ ନେଇଥିବା ଚାରି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ ଓ ଲିମ୍ବାଇ ଫେରାଇବେ। ତେବେ ଯୁଦ୍ଧରେ ବିଜୟ ଲାଭ ପରେ ଇଂରେଜମାନେ ପ୍ରତିଶ୍ରୁତି ରକ୍ଷାକଲେ ନାହିଁ। ଫଳରେ ୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ପାଇକ ବୀରମାନେ ଇଂରେଜ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ଯୁଦ୍ଧରେ ପରାସ୍ତ ହୋଇ ନାବାଳାକ ରାଜାଙ୍କୁ ବଂଚାଇବାକୁ ଯାଇ ସମସ୍ତ ଦୋଷ ନିଜ ଉପରକୁ ନେଇଥିଲେ। ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ମେଦିନାପୁର ନିକଟବର୍ତ୍ତୀ ବାଘୀତୋଟାର ବରଗଛର ଦୁଇଟି ଡାଳକୁ ଭିଡିଆଣି ବିପ୍ଳବୀ ଜୟୀଙ୍କ ଦୁଇଗୋଡ ବାନ୍ଧି ଡାଳ ଦୁଇଟିକୁ ଛାଡି ଦିଆଗଲା। ତାଙ୍କ ଶରୀର ଦୁଇ ଫାଳ ହୋଇଗଲା। ଅତି ନିର୍ମମ ଭାବେ ତାଙ୍କୁ ହତ୍ୟା କରାଯାଇଥିଲା। ଓଡ଼ିଆ ଜାତି ତାଙ୍କ ନିକଟରେ ସର୍ବଦା ନମସ୍ୟ। ତାଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ଖୋର୍ଦ୍ଧା ଜିଲା ସିଟିଜେନ ଫୋରମ ସଭାପତି ପ୍ରଭାତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ଜୟୀ ପାଇକ ବିଦ୍ରୋହର ବୀଜ ବୁଣିଥିଲେ। ପରବର୍ତ୍ତୀ ସମୟରେ ଏହା ଭୟଙ୍କର ରୂପ ଧାରଣ କରିଥିଲା। ଏହାର ଅନେକ ପ୍ରସଙ୍ଗ ଆଜି ବି ସମାଜର ଆଡୁଆଳରେ ରହିଯାଇଛି। ଏହା ଗବେଷଣାସାପେକ୍ଷ ବୋଲି ସେ କହିଥିଲେ। ଅନୁଷ୍ଠାନ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଲେ, ଇତିହାସକୁ ଭୁଲିଗଲେ ଐତିହ୍ୟ ନଷ୍ଟ ହୋଇଯିବ। ୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଯୁଦ୍ଧ, ୧୮୧୭ରେ ଗଣଯୁଦ୍ଧରେ ପରିଣତ ହୋଇଥିଲା। ପାଇକ ସଂଗ୍ରାମର ମୂଳଦୁଆ ଜୟୀ ରାଜଗୁରୁଙ୍କ ଦ୍ୱାରା ପଡିଥିଲା। ଅଥଚ ଭାରତ ଅଥବା ଓଡ଼ିଶା ସରକାର ତାଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତର ପ୍ରଥମ ସହୀଦର ଆଖ୍ୟା ପ୍ରଦାନ କରିନାହାନ୍ତି। ସେ ଜଣେ ସ୍ୱାଧିନତା ସଂଗ୍ରାମୀ ବୋଲି ଗ୍ରହଣ କରିନାହାନ୍ତି। ଜୟୀ ରାଜଗୁରୁଙ୍କୁ ଯେପରି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା ତାହା ପୃଥିବୀ ଇତିହାସରେ ଏପରି ଘଟିନାହିଁ। ତାଙ୍କ ସଂଗ୍ରାମମୟ ଜୀବନୀ ଲୋକଲୋଚନକୁ ଆସିବା ଦରକାର। ଆଜି ମଧ୍ୟ ତାଙ୍କ ଫାଶୀସ୍ଥାନକୁ ନେଇ ଐତିହାସିକମାନଙ୍କ ମଧ୍ୟରେ ଦ୍ୱିମତ ରହିଛି। ଇତିହାସରେ ଜୟୀଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ। ଯୁବ ସାମାଜିକ କର୍ମୀ ଅବ୍ୟକ୍ତ ହରିହର ଖାଡଙ୍ଗା, ପ୍ରବୀଣ ଭଞ୍ଜ, ଦିଲୀପ ପଟ୍ଟନାୟକଙ୍କ ସମେତ ବିଜେବି ହାଇସ୍କୁଲର ଛାତ୍ର ପ୍ରତ୍ୟୁଶ ମହାପାତ୍ର, ତନ୍ମୟ ମାର୍ଥା, ପ୍ରିୟରଞ୍ଜନ ବିଶ୍ୱାଳ, ଓମ ପ୍ରକାଶ ସୁବୁଦ୍ଧି, ବିଷ୍ଣୁ ଗୋଛି ପ୍ରମୁଖ ଉପସ୍ଥିତ ଥିଲେ।

## ଚକ୍ରଧରପୁର ସମିତିସଭ୍ୟ ଉପନିର୍ବାଚନ ପାଇଁ ପୁଲିଂ ପାର୍ଟି ବୁଥ୍‌ରେ ପହଁଚିଲେ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଚକ୍ରଧରପୁର ପଂଚାୟତ ସମିତିସଭ୍ୟ ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପୁଲିଂ ପାର୍ଟି ବ୍ଲକ କାର୍ଯ୍ୟାଳୟରୁ ସମସ୍ତ ପ୍ରକାର ସରଂଜାମ ଧରି ଗତକାଲି ଦିନ ୧୨ଟା ସୁଦ୍ଧା ବୁଥରେ ପହଁଚିଯାଇଛନ୍ତି। ଚକ୍ରଧରପୁର ପଂଚାୟତ ସମିତି ସଭ୍ୟ ଉପନିର୍ବାଚନରେ ପ୍ରାର୍ଥୀ ଭାବେ ସୌମ୍ୟରଂଜନ ସାହୁ, ଗୋପବନ୍ଧୁ ସିଂ, ବିଭୁତି ଭୁଷଣ ଜେନାମଣି ଓ କିଷାନ ପୁର୍ତ୍ତୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏଠାରେ ୧୩୦୫ ପୁରୁଷ ଓ ୧୨୪୪ ଜଣ ମହିଳା ମୋଟ ୨୫୪୯ ଭୋଟର ମତଦାନ କରିବେ। ଏହି ପଂଚାୟତରେ ସମସ୍ତ ୧୧ ଗୋଟି ବୁଥକୁ ଉତେଜନା ପ୍ରବଣ ବୁଥ ଭାବେ ପରିଗଣିତ କରାଯାଇଛି। ଆଜି ସକାଳ ୭ରୁ ମତଦାନ ଆରମ୍ଭ ହୋଇ ଦିନ ୧ଟାରେ ଶେଷ ହେବ। ଭୋଟ ନିମନ୍ତେ ୪୮ ଜଣ ପୁଲିଂ କର୍ମଚରୀ ନିୟୋଜିତ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ଟି ପେଟ୍ରୋଲିଂ ଟିମ ଓ ୧ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ପ୍ରତ୍ୟେକ ବୁଥରେ ୩ଜଣ ପୁଲିଂ ଅଫିସର ଓ ଜଣେ ପୁଲିସ କର୍ମଚାରୀ ମୁତୟନ ହୋଇଛନ୍ତି। ମତଦାନ ଶେଷ ହେବା ପରେ ଭୋଟବାକ୍ସକୁ ସିଲ କରାଯାଇ ବ୍ଲକ କାର୍ଯ୍ୟାଳୟକୁ ଅଣାଯିବ। ୫ ତାରିଖ ସକାଳ ୮ଟାରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ବିଡିଓ ଶ୍ରୀ ବଳ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ କୁମାରୀ ଓ ଚକ୍ରଧରପୁରପୁର ପଂଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ଚକ୍ରଧରପୁର ପଂଚାୟତର ସମିତିସଭ୍ୟ ପଦରୁ ଇସ୍ତଫା ଦେବା ପରେ ଏହି ପଦଟି ଖାଲିପଡିଥିବାରୁ ଏହି ଉପନିର୍ବାଚନ ହୋଇଛି।

## ଗୀତାଜାଗରଣ ପରିଷଦ ପକ୍ଷରୁ ଭାଗବତ କଥାମୃତ ଆଲୋଚନା ଉଦ୍‌ଘାଟିତ



ଯାଜପୁର (ପିଏନ୍): ଯାଜପୁରର ପବିତ୍ର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସପ୍ତଦିବସ ବ୍ୟାପୀ ଭାଗବତ କଥାମୃତ ଆଲୋଚନା ଓ ବୋଇତ ବନ୍ଦାଣ ଉତ୍ସବକୁ ଯାଜପୁରର ଅତିରିକ୍ତ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ ଉଦ୍‌ଘାଟକଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୀତା ଜାଗରଣ ପରିଷଦର ସଭାପତି ଆଡ୍‌ଭୋକେଟ୍ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆକାଶ ଦୀପ ପ୍ରଜ୍ଜ୍ୱଳନ କରାଯିବା ସହିତ ପବିତ୍ର ବୈତରଣୀ ନଦୀ ତଟରେ ବୈତରଣୀ ମାତାଙ୍କୁ ବନ୍ଦାପନା କରାଯାଇଥିଲା। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ସ୍ତୋତ୍ର ପାଠ କରିଥିଲେ। ସଂପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଅତିଥି ମାନଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିବା ସହିତ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଂସ୍କୃତବିତ୍ ପଣ୍ଡିତ ଭୂପତିଭୂଷଣ ମିଶ୍ର ଯୋଗଦେଇ ଭାଗବତ ସମସ୍ତ ଧର୍ମଗ୍ରନ୍ଥମାନଙ୍କ ମଧ୍ୟରେ ଉତ୍ତମ ଅଟେ ଏବଂ ଏହା ପାଠ କରିବା ଦ୍ୱାରା ମନୁଷ୍ୟର ସମସ୍ତ ପାପ ଖଣ୍ଡନ ହୋଇଥାଏ ବୋଲି ସେ ବକ୍ତବ୍ୟ ଦେଇଥିଲେ। ଅବସରପ୍ରାପ୍ତ ପ୍ରଶାସକ ବନବିହାରୀ ମହାପାତ୍ର ଯୋଗଦେଇ ଭାଗବତର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରେରଣା ପଣ୍ଡା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବାହ୍ନରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତାଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବସନ୍ତ କୁମାର ପତି, ପଣ୍ଡିତ ବାସୁଦେବ ମିଶ୍ର, ଅଧ୍ୟାପକ ରମାକାନ୍ତ ବରାଳ ବିଚାରକ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଗଦାଧର ରାଉତ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ସୁବାସ ମହାପାତ୍ର, ରବିନାରାୟଣ କର, ହୃଷିକେଶ ପତି, ସନ୍ତୋଷ ସ୍ୱର୍ଣ୍ଣକାର, ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ, ପାଗଳା ପାଣି, ସମିର ନାୟକ, ଅକ୍ଷୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହ-ସଂପାଦକ ବୃନ୍ଦାବନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ମାତୃଭୂମି ସେବା ସଂସ୍ଥାର ଗୋପବନ୍ଧୁ ଜୟନ୍ତୀ ପାଳନ

ବାଲେଶ୍ୱର (ପିଏନ୍)- ମାତୃଭୂମି ସେବା ସଂସ୍ଥା ତରଫରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଏବଂ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ମିଶ୍ର, ଦୁଷ୍ମନ୍ତ ସାର୍, ନାଟ୍ୟକର ବିଜୟ କୁମାର ମହାକୁଡ଼, ସେବା ସଂଗଠନ ଓଡ଼ିଶାର ଅଧ୍ୟକ୍ଷ ତଥା ବଡ଼ପାଳ ସରପଞ୍ଚ କମଳ ଲୋଚନ ପଣ୍ଡାଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଗୋପବନ୍ଧୁ ଦାସଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ଆଗାମୀ ଦିନରେ ସଂଗଠନର ନିଃସ୍ୱାର୍ଥପର ସେବା ଜାରି ରହିବ ବୋଲି ମତ ବ୍ୟକ୍ତ କରିଥିଲେ।

## ଯୋଜନାର ପାର୍ଶ୍ୱ ପ୍ରତିକ୍ରିୟା

ଯୋ।ଜନା ଅର୍ଥାତ୍ ସରକାରୀ ଯୋଜନା। ଆଜି ଦିନରେ ସରକାରଙ୍କ ଯେତେ ଯୋଜନା ଆସୁଛି, ତନ୍ମଧ୍ୟରେ ଅଧିକାଂଶ ଭୋଟକୈନ୍ଦ୍ରିକ। କେତେଗୁଡିଏ ଯୋଜନା କେବଳ ଲୋକମାନଙ୍କୁ ନିଜ ନେତାମାନଙ୍କ ଆଡକୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ। ନୂଆଖାଇରେ କାଳିଆ ଟଙ୍କା ଆବଂଟନକୁ ଏକ ଦୃଷ୍ଟାନ୍ତ ଭାବରେ ମଧ୍ୟ ନିଆଯାଇପାରେ। କରଦାତାଙ୍କର କୋଟିକୋଟି ଟଙ୍କା ବଂଟାଗଲା ସତ ହେଲେ ତାର ସୁଫଳ ସେହି ଅନୁସାରେ ମିଳିବା ଅସମ୍ଭବ ପରି ଦିଶୁଛି। ଯାହା ପ୍ରଚାର ପ୍ରସାର ହେଉଛି ତାହା ବାସ୍ତବିକତାଠାରୁ ଢେର ଦୂରରେ। ହଁ! ସରକାରଙ୍କୁ ନାଁ ମିଳିଲା, ଭୋଟ ମଧ୍ୟ ମିଳିବ। ହେଲେ ଦେଶଦଶର ଉନ୍ନତିରେ ଏପରି ମାଗଣା ବଂଟନ ପ୍ରକ୍ରିୟା ବିଶେଷ ଭାବରେ ବାଧକ ସୃଷ୍ଟି କରିବା ସ୍ୱାଭାବିକ। ଏମିତି ଏକ ଯୋଜନା ଟଙ୍କିକିଆ ଚାଉଳ। ଟଙ୍କିକିଆ ଚାଉଳ ବଂଟନ ବାବଦକୁ ସରକାର ଯାହା ଖର୍ଚ୍ଚ କରୁଛନ୍ତି ତାହା ଶୁଣିଲେ ସାଧାରଣ ଲୋକଙ୍କ ହୋସ୍ ଉଡିଯିବ। ପ୍ରାୟ ଅଠାବନ ଲକ୍ଷ ପରିବାର ପାଇଁ ଦୁଇଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରତିବର୍ଷ ଖର୍ଚ୍ଚ ହେଉଛି। ଏହା ଏକ ଏମିତି ଯୋଜନା, ଯାହାକୁ କେହି ସର୍ବସମକ୍ଷରେ ପ୍ରଶଂସା କରିବାର ଦେଖାଯାଉନି ସତ; କିନ୍ତୁ ନେତାଙ୍କଠାରୁ ଜନତା ସମସ୍ତେ ଏହାର ପକ୍ଷଧର। ଏହାକୁ ବନ୍ଦ କରିବା କାଠିକର ପାଠ। ଯେଉଁ ଦଳ ବି ସରକାରରେ ରହୁ, ଏପରି ଯୋଜନାକୁ ବନ୍ଦ କଲା ମାତ୍ରକେ ଜନତା ଆକ୍ରୋଶର ଶିକାର ହୋଇ ସରକାର ଯିବାଟା ଥୟ।

ଅନ୍ୟମାନଙ୍କ କଥା ଛାଡନ୍ତୁ, ଯେଉଁମାନଙ୍କୁ ଏହି ଚାଉଳ ମିଳୁଛି, ସେମାନଙ୍କ ମଧ୍ୟରୁ ନବେ ପ୍ରତିଶତ କୃଷକ। ଜମି ଅଛି, କିନ୍ତୁ ଚାଷ କରୁନାହାନ୍ତି। କାରଣ ସେ ଯଦି ଧାନଚାଷ କରି ଚାଉଳ ପେଷେଇବେ ଚାଉଳ କିଲୋ ଅତି କମ୍‌ରେ କୋଡିଏ ଟଙ୍କା ଉପରେ ସେମାନଙ୍କୁ ଦେୟ ପଡିବ। ତା'ପରେ ସମସ୍ତେ ତ' ଟଙ୍କିକିଆ ଚାଉଳ ଖାଇ ଗାଁମୁଣ୍ଡ ବରଗଛ ଛାଇ ପଡିଥିବା ଚାନ୍ଦିନିରେ ଦିନରାତି ତାସ ଖେଳରେ ସମୟ କାଟିଲେ, ମୂଲ କିଏ ଲାଗିବ? ଆଜିକାଲି ମୂଲିଆ ମଜଦୂର୍ ବି ଗାଁଗହଳିରେ ଆଉ ବିଲବାଡି କାମ ପାଇଁ ମିଳୁନାହାନ୍ତି। ସବୁ କାମ କ'ଣ ଯନ୍ତ୍ରଦ୍ୱାରା ସମ୍ଭବ! ପୁରୁଷ ଲୋକ ଅଳସୁଆ କର୍ମକୋଢ଼ ହେଲାବେଳକୁ ସ୍ତ୍ରୀ ଲୋକମାନେ ଆଉ ପାଣି କୂଅରୁ କାଢିବାକୁ ସୁଯୋଗ ପାଉନାହାନ୍ତି। ସବୁ ଗାଁରେ ନଳକୂପ ଓ ସପ୍ଲାଏ ପାଣି ଯୋଜନା ପହଁଚିବ। ଧାନ ଶୁଖା, ଧାନ ବସା, ଉଷୁନା ଧାନ ପାଇଁ ଖରାରେ କେତେ ପରିଶ୍ରମ ହେଉଥିଲା, ଆଉ ସେଗୁଡା କିଛି ନାହିଁ। ଅମଳ ପରେ ସିଧା ବସ୍ତାଭରି ମଣ୍ଡିକି ଚାଲିଲେ। ନାରଣା କହୁଛି ବିଲଧାନର ଚାଉଳ ଅପେକ୍ଷା ଟଙ୍କିକିଆ ଚାଉଳ ସୁଆଦିଆ, ତା' ଛୁଆମାନେ ନିଜ ଜମି ଚାଉଳ ଖାଇବାକୁ ମଙ୍ଗୁନାହାନ୍ତି। ଗହିରମଥା ଉପରୁ ଆଉ ଆମର କ୍ଷେତଖଳିହାନ ଆଗପରି ସବୁଜିମାଭରା ଦିଶୁନି କି ଚାଷୀପୁଅର ବଳିଷ୍ଠ ବପୁବାଲା ଚେହେରା ଆଉ ନାହିଁ। ସେ କାଳ ଲଙ୍ଗଳ ଯୁଆଳୀ ଶଗଡଦଣ୍ଡା ଖଳା ପରମ୍ପରା ଆଉ ଅଳ୍ପ ଦିନରେ ଇତିହାସ ପାଲଟିବାକୁ ବସିଲାଣି। ଏଣୁ ସରକାରଙ୍କ ନିକଟରେ ଏକ ବିନମ୍ର ପ୍ରାର୍ଥନା ଯେ ସବୁ ଯୋଜନାର ପାର୍ଶ୍ୱ ପ୍ରତିକ୍ରିୟାଗୁଡିକୁ ପୁନର୍ବାର ତର୍ଜମା କରାଯାଉ। ଯେଉଁସବୁ ଯୋଜନା ମଣିଷକୁ କର୍ମକୋଢ଼ ଅଳସୁଆ କରୁଛି ଏବଂ ସମାଜକୁ ଏକ ବିଧ୍ୱଂସକ ପରିଣତି ଆଡକୁ ଟାଣିନେଉଛି, ସେଗୁଡିକୁ ସତ୍ସାହସର ସହ ବନ୍ଦ କରାଯାଇ ଦେଶଦଶର ଉନ୍ନତି ବିଷୟରେ ଚିନ୍ତା କରାଯାଉ!

## ଅନୁମତି ନମିଳିବାରୁ ସୂଚନା ଅଧିକାର କର୍ମୀଙ୍କ ତହସିଲ ସମ୍ମୁଖରେ ଧାରଣା ବାତିଲ

ଧର୍ମଶାଳା (ପିଏନ୍): ଧର୍ମଶାଳା ଅଂଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ତହସିଲ ସମ୍ମୁଖରେ ଧାରଣା ଦେବା ପାଇଁ କରିଥିବା ଆବେଦନକୁ ପ୍ରଶାସନ ତରଫରୁ ଅନୁମତି ନମିଳିବା ଯୋଗୁଁ ଧାରଣା ବାତିଲ କରାଯାଇଛି। ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରିଆ ବହୁ ଘଟଣା ଉପରେ ଆରଟିଆଇ ମାଧ୍ୟମରେ ବିଭିନ୍ନ କାର୍ଯ୍ୟାଳୟରୁ ତଥ୍ୟ ମାଗିଥା'ନ୍ତି। ତେବେ ଗତ ୩ ମାସ ହେଲା ସେ ଏକ ଘଟଣା ଉପରେ ଧର୍ମଶାଳା ତହସିଲରୁ ଏକ ସୂଚନା ମାଗିଥିବା ବେଳେ ତହସିଲ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନଥିଲା। ତେବେ ସେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡି ଦୌଡ଼ି ନିରାଶ ହେବା ପରେ ଯଦି ତାଙ୍କୁ କିଛି ତଥ୍ୟ ନମିଳେ ତେବେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୪ ତାରିଖରୁ ଧାରଣା ଦେବେ ବୋଲି ତହସିଲଦାରଙ୍କୁ ୧୫ ଦିନ ପୂର୍ବରୁ ଲିଖିତ ଭାବେ ଅବଗତ କରିଥିଲେ। ଏହି ଧାରଣା ଦେବା ପାଇଁ ସରକାରଙ୍କ ସମସ୍ତ ନୀତିନିୟମକୁ ମାନି ସେ ପ୍ରଶାସନ ନିକଟରେ ଆବେଦନ କରିଥିଲେ। ହେଲେ ଶେଷ ମୁହୂର୍ତ୍ତରେ ପ୍ରଶାସନ ତାଙ୍କୁ ଅନୁମତି ପ୍ରଦାନ କରିନାହିଁ। ଯାହାଫଳରେ ଶ୍ରୀ ବେହୁରିଆ ମ୍ରିୟମାଣ ହୋଇପଡିଛନ୍ତି। ସରକାରଙ୍କ ସମସ୍ତ ନିୟମ ମାନି ଗଣତନ୍ତ୍ରିକ ପଦ୍ଧତିରେ ଧାରଣା ଦେବା ପାଇଁ ସେ ସମସ୍ତ ପ୍ରକାର ବ୍ୟବସ୍ଥା ସାରିଦେଇଥିବା ବେଳେ ଧର୍ମଶାଳା ପୁଲିସ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବାର ଆଳ ଦେଖାଇ ଅନୁମତି ପ୍ରଦାନ ନକରିବକୁ ଯାଜପୁର ଉପଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ। ଯାହାଫଳରେ ଶେଷ ମୁହୂର୍ତ୍ତରେ ଉପଜିଲ୍ଲାପାଳ ଅନୁମତି ପ୍ରଦାନ କରିନଥିଲେ। ଫଳରେ ଶ୍ରୀ ବେହୁରିଆ ନିଜର ଗଣତାନ୍ତ୍ରିକ ଅଧିକାରରୁ ବଂଚିତ ହୋଇଛନ୍ତି। ତେବେ ଏଥିପାଇଁ ଧର୍ମଶାଳା ଥାନା ଅଧିକାରୀଙ୍କୁ ଦାୟୀ କରିବା ସହ ଏନେଇ ତାଙ୍କ ସମର୍ଥକଙ୍କ ସହ ସେ ଯାଜପୁର ଏସପିଙ୍କୁ ଭେଟିବେ ବୋଲି ସୂଚନା ଦେଇଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଘଷିପୁରା (ପିଏନ୍): ଘଷିପୁରା ବ୍ଲକ ବାତୋ ପଂଚାୟତ ଅନ୍ତର୍ଗତ ତମ୍ପୋ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବ୍ରଜେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଙ୍କଜ ଜେନା ଓ ଗୋଲଖ ବିହାରୀ ବରାଳଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ରଜେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ବରାଳଙ୍କ ସଂଯୋଜନାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଘଷିପୁରା ବ୍ଲକ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ବ୍ଲକର ଅବସରପ୍ରାପ୍ତ ଶିକ୍ଷାଧିକାରୀ ଶରତ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ଖୁଣ୍ଟିଆ, ବ୍ରଜେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ନରହରି ଜେନା, ଜିଲ୍ଲାପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ବାତୋ ସରପଂଚ ଝରଣା ଜେନା, ସମିତିସଭ୍ୟ ତରଣୀସେନ ବରାଳ, ନିଖିଳ ଉତ୍କଳ ଶିକ୍ଷକ ସଂଘ ସଭାପତି ଗୋବର୍ଦ୍ଧନ ଜେନା, କେନ୍ଦ୍ର ସଂଯୋଜକ ପ୍ରଦ୍ୟୁମ୍ନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ଦୁଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ମହନୀୟତା ଓ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସେମାନଙ୍କ ଅବସର ସମୟ ସୁସ୍ଥ ଓ ନିରାମୟ ହେବାକୁ କାମନା କରିଥିଲେ। ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଦୁଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ତମ୍ପୋ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା

ବାଲେଶ୍ୱର (ପିଏନ୍)- ଖନ୍ତାପଡା ଥାନା ଅନ୍ତର୍ଗତ ଖନ୍ତାପଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜନୈକ ଯୁବକଙ୍କୁ ହତ୍ୟା କରି ରାସ୍ତାକଡ଼ରେ ଫିଙ୍ଗି ଦିଆଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗ୍ରାମର କରୁଣାକର ପଣ୍ଡାଙ୍କ ପୁଅ ଅଭୟ କୁମାର ପଣ୍ଡାଙ୍କ ସହ ଗ୍ରାମର କିଛି ଲୋକଙ୍କର ବିବାଦ ଲାଗିରହିଥିଲା। ଗ୍ରାମର ମଧ୍ୟସ୍ଥି ଦ୍ୱାରା ଦୁଇଦିନ ପୂର୍ବେ ଏହାର ଆପୋଷ ସମାଧାନ କରାଯାଇଥିଲା। ଗତକାଲି ହଠାତ୍ ଅଭୟଙ୍କ ମୃତଦେହ ୧୬ ନଂ ଜାତୀୟ ରାଜପଥ ଦାଣ୍ଡକାଳୀ ନିକଟ ଏକ ଗ୍ରାମ ସଂଯୋଗ ରାସ୍ତାକଡ଼ରେ ପଡ଼ିଥିବାର ଦେଖି ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ଖବର ପାଇ ପରିବାର ଲୋକଙ୍କ ସହ କିଛି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପରିବାର ସଦସ୍ୟମାନେ ରାଜରାସ୍ତାରେ ବସିଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ଖନ୍ତାପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ୍ ହଟିଥିଲା। ପରେ ଖନ୍ତାପଡ଼ା ପୁଲିସ ୩ ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ମୃତକଙ୍କ ଶବକୁ ଉଦ୍ଧାର କରାଯିବା ସହ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ବ୍ୟବସାୟୀଙ୍କ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତ ରାଧାନଗର ଗ୍ରାମର ବ୍ୟବସାୟୀ ପଦ୍ମନାଭ ସାହୁ (୭୩)ଙ୍କର ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ନିରଂଜନ, ମନୋରଂଜନ, ଚିତରଂଜନ, ଝିଅ ରୁନୁବାଳା, ଜ୍ୱାଇଁ କୈଳାସ, ବୋହୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଦୀର୍ଘ ୪୫ ବର୍ଷ ହେଲା ଜାରକା ବଜାରରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିଲେ। ତାଙ୍କ ବିୟୋଗ ଖବର ପାଇ ବ୍ୟବସାୟୀ ଶ୍ରୀନାଥ ଜେନା, ଶୁଭେନ୍ଦୁ ସାହୁ, ବିନୋଦ ଜେନା, ଦିଲୀପ କୁମାର ଜେନା, ଜ୍ଞାନୀ ରାଉତ, ରମେଶ ସାହୁ, ଅଶୋକ ସାହୁ, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ବିଜେପି ନେତା ସର୍ବେଶ୍ୱର ବେହୁରା, ସାମ୍ବାଦିକ ମାନସରଂଜନ ଜେନା, ଅକ୍ଷୟ କୁମାର ରାଉତ, ସୁଶାନ୍ତ କୁମାର ବେହେରା, କଂଗ୍ରେସ ନେତା ମିହିର ଖୁଣ୍ଟିଆ, ଯୁବନେତା ଉଗ୍ରସେନ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ପରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା। ବଡ଼ ପୁଅ ନିରଂଜନ ମୁଖାଗ୍ନି ଦେଇଥିଲେ।

## ବାତୋ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ଘଷିପୁରା (ପିଏନ୍):ଘଷିପୁରା ବ୍ଲକ ଅନ୍ତର୍ଗତ ବାତୋ ପଞ୍ଚାୟତରେ ସମିତିସଭ୍ୟ ତରଣୀସେନ ବରାଳଙ୍କ ନେତୃତ୍ୱରେ ବିଜେଡିର ଏକ ଜନସମ୍ପର୍କ ପଦଯାତ୍ରା ଉଲ୍ଲୋଳ ଗ୍ରାମରୁ ବାହାରି ଅତା, ମଧୁକେଶରୀ, ଲୁଣିଆପାଟଣା, ଅନ୍ତିରା, ତମ୍ପୋ, ବାତୋ, କରଡାପାଳ, ପରମାନନ୍ଦପୁର ପ୍ରଭୃତି ଗ୍ରାମ ପରିକ୍ରମା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜେଡିର ସାଧାରଣ ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ବାତୋ ପଂଚାୟତର ସରପଂଚ ଝରଣା ଜେନା, ଜିଲ୍ଲାପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଶ୍ୱରଂଜନ ବେହେରା ଏବଂ ବାତୋ ପଂଚାୟତର ବରିଷ୍ଠ ନେତା ସୁରେନ୍ଦ୍ର ପାଗଳ ପ୍ରମୁଖଙ୍କ ସହିତ ବହୁ ଦଳୀୟ ନେତା ପଦଯାତ୍ରାରେ ସାମିଲ ହୋଇଥିଲେ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହିତ ପଂଚାୟତବାସୀ ତଥା ଗ୍ରାମର ଉନ୍ନତି ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ସମୂହ ଶପଥ ପାଠ କରାଯାଇଥିଲା।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଇରାନୀ ରାୟ ବିଜେଡ଼ିରେ ମିଶିଲେ



ଭୁବନେଶ୍ୱର,(ପି.ଏନ): ନୟାଗଡ଼ ନିର୍ବାଚନମଣ୍ଡଳୀର ୨୦୧୯ ସାଧାରଣ ନିର୍ବାଚନରେ ବିଜେପି ବିଧାୟିକା ପ୍ରାର୍ଥୀ ଇରାନୀ ରାୟ ଶତାଧିକ ସମର୍ଥକଙ୍କ ସହ ବିଜେଡ଼ିରେ ଯୋଗ ଦେଇଛନ୍ତି । ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ନୟାଗଡ଼ ବିଧାୟକ ଅରୁଣ ସାହୁ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଓ ସସ୍ମିତ ପାତ୍ର ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ନୟାଗଡ଼ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜବୁତ ହେବ ବୋଲି ଶ୍ରୀ ସାହୁ ଓ ଶ୍ରୀ ମଙ୍ଗରାଜ କହିଥିଲେ। ଏହି ଅବସରରେ ଇରାନୀ ରାୟ କହିଥିଲେ, ନୟାଗଡ଼ରେ ବିଜେପି ପାଇଁ ବହୁତ କିଛି କରିଥିଲି। ମୋ ପରିଶ୍ରମ ଓ ତ୍ୟାଗର ସମ୍ମାନ ମୋତେ ମିଳିଲାନି। ବିଜେପିରେ ମହିଳାଙ୍କୁ ସମ୍ମାନ ମିଳେ ନାହିଁ। ମୋ ସହିତ ଅନ୍ୟାୟ କରିଛି ବିଜେପି। ବିଜେପିର ଅନ୍ୟାୟ ବିରୋଧରେ ଲଢ଼ିବି। ବିଜେପିରେ ମୋତେ ଅଣଦେଖା କରାଯାଉଥିଲା। ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡ଼ିରେ ଯୋଗ ଦେଲି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାହାକୁ ସୂଚାରୁ ରୂପେ ତୁଲାଇବି । ଏହି ମିଶ୍ରଣ ପର୍ବରେ ବାଲୁଗାଁ ମଣ୍ଡଳ ସଭାପତି ବିନୋଦ କୁମାର ଷଡ଼ଙ୍ଗୀ, ଓଡ଼ଗାଁ ମଣ୍ଡଳ ସଭାପତି ଶିବଶଙ୍କର ମହାନ୍ତି, ଓଡ଼ିଗାଁ ଏନ୍‌ଏସି ମଣ୍ଡଳ ସଭାପତି ପ୍ରକାଶ ଦାସ, ନୟାଗଡ଼ ଜିଲ୍ଲା ଉପସଭାପତି ବୀରେନ୍ଦ୍ର ନାୟକ, ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ମାନସ ରଞ୍ଜନ ସାହୁଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ବିଜେଡ଼ି ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ଅମିତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖପାତ୍ର ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି ୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତ୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ବନକଲାଗି ନୀତି ପାଇଁ ସନ୍ଧ୍ୟା ୬ରୁ ରାତି ୧୦ଟା ଯାଏଁ ବନ୍ଦ ରହିବ ଶ୍ରୀଜିଉଙ୍କ ଦର୍ଶନ



ପୁରୀ,(ପି.ଏନ): ଆଜି ୪ ଘଣ୍ଟା ବନ୍ଦ ରହିବ ଶ୍ରୀଜିଉଙ୍କ ଦର୍ଶନ । ବନକଲାଗି ନୀତି ପାଇଁ ସନ୍ଧ୍ୟା ୬ରୁ ରାତି ୧୦ଟା ଦର୍ଶନ ବନ୍ଦ । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ପରେ ଦର୍ଶନ ବନ୍ଦ ରହିବ । ପ୍ରତିମାସରେ ହାରାହାରି ଦୁଇଥର ଶ୍ରୀଜୀଉଙ୍କର ମୁଖଶ୍ରୀର ପ୍ରସାଧନ ବା ବନକ ଲାଗି ନୀତି ଅନୁଷ୍ଠିତ ହୋଇଥାଏ। ଏହି ବନକ ଲାଗି କାର୍ଯ୍ୟକ୍ରମ ପାଇଁ ରୀତିନୀତି 'ଦତ୍ତ ମହାପାତ୍ର' ଗୋଷ୍ଠୀର ସେବକମାନେ କରିଥାନ୍ତି। ନିୟମ ଅନୁଯାୟୀ ବୁଧବାର ଦିନ ବନକ ଲାଗି ଅନୁଷ୍ଠିତ ହୋଇଥାଏ । ଦି'ପ୍ରହର ଧୂପ ଦାନ ସରିବାପରେ ମନ୍ଦିରର ସମସ୍ତ ଦରଜା ବନ୍ଦ ହୋଇଥାଏ । ଏହାପରେ ଏହି ଗୁପ୍ତ ନୀତି କରାଯାଇଥାଏ ।ଦତ୍ତମହାପାତ୍ର ରତ୍ନ ସିଂହାସନ ଉପରକୁ ଯାଇ ଶ୍ରୀଜୀଉଙ୍କର ମୁଖସିଂହାର କରନ୍ତି । ଏହି ନୀତି ସମାପନ ହେବା ପର୍ଯ୍ୟନ୍ତ ଶ୍ରୀମନ୍ଦିରର ସମସ୍ତ ଦ୍ୱାର ସମ୍ପୂର୍ଣ୍ଣ ବନ୍ଦ ରହିଥାଏ । ଫଳରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ସାଧାରଣ ଦର୍ଶନ କରିବାରୁ ବଞ୍ଚିତ ରହିଥାନ୍ତି। ଏହି କ୍ରମରେ ବନକଲାଗି ନୀତି ପାଇଁ ଆସନ୍ତାକାଲି ଶ୍ରୀମନ୍ଦିରରେ ୪ ଘଣ୍ଟା ଦର୍ଶନ ବନ୍ଦ ରହିବ। ବନକଲାଗି ନୀତି ସରିବା ପରେ ସାଧାରଣ ଦର୍ଶନ ଚାଲୁ ରହିବ। ୨୦୧୮ ମସିହା ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତି ପରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଆସୁଛି ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ। ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତି ।

# ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।




# ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

୨୬ ବର୍ଷରେ

Bhubaneswar Thursday March 28, 2024 ଭୁବନେଶ୍ୱର ଗୁରୁବାର, ମାର୍ଚ୍ଚ ୨୮,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଧଣ୍ଡାମୁଣ୍ଡାରେ ଚଉରାଅଶୀ ତମ ଦୋଳ ଉତ୍ସବ ଉଦଯାପିତ

ଖପ୍ରାଖୋଲ,(ପିଏନ): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁ ରେ ଅନୁଷ୍ଠିତ ୮୪ତମ ଦୋଳ ଉତ୍ସବ ସୋମବାର ଉଦଯାପିତ ହୋଇଯାଇଛି। ୨୯୪୨ରୁ ଆରମ୍ଭ ହୋଇଥିବା ଦୋଳ ଉତ୍ସବ ନିରବିଛିନ୍ନ ଭାବରେ ଅତି ଶ୍ରଦ୍ଧା ଓ ନିଷ୍ଠା ର ସହ ପାଳିତ ହୋଇଆସୁଛି। ତିନି ଦିନ ଧରି ମହାଆଡ଼ମ୍ବର ରେ ଦୋଳ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଖ ପାଖ ଗାଁ ରୁ ଶ୍ରଦ୍ଧାଳୁ ମାନେ ଦୋଳ ମେଳଣ ତଥା ହରିହର ଭେଟ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ। ଏହି ଅବସରରେ ଷୋହଳ ପ୍ରହର ନାମ ଯଜ୍ଞ,ପଞ୍ଚକୁଣ୍ଡିୟ ବିଶ୍ୱଶାନ୍ତି ହରିହର ମହାଯଜ୍ଞ,ହରିହର ଭେଟ,ମିନା ବଜାର,ବିଭିନ୍ନ ପ୍ରଜ୍ଞା ପନ ମେଢ଼ ମୁଖ୍ୟ ଆକର୍ଷଣ ହୋଇଥିଲା। ପୂଜା କର୍ତା ରୂପେ ହରିଶ ସାହୁ,ଲୋକନାଥ ସାହୁ, ଉତ୍ତମ ବରିହା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ବୈଦ୍ୟନାଥ ମିଶ୍ର, କମଳା ପତି ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ ପରିଚାଳନା କମିଟି ସଭାପତି ଯଶୋବନ୍ତ ସାହୁ ଓ ସମ୍ପାଦକ ଅମୁଲ୍ୟ ଭୋଇ ଓ ଗ୍ରାମବାସୀ ସହଯୋଗ କରିଥିଲେ।



## ସୁବିଧା ଆପ୍ ବ୍ୟବହାର ପାଇଁ ତାଲିମ

ମାଲକାନଗିରି,(ପି.ଏନ): ଚଳିତ ସାଧାରଣ ନିର୍ବାଚନରେ ସୁବିଧା ଆପ୍ ର ବ୍ୟବହାର କରାଯାଉଛି। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ନୋଡାଲ ଅଧିକାରୀଙ୍କୁ ଏହି ଆପ୍ ଏବଂ ଏନକୋର ପରିମିସନ ମଡ୍ୟୁଲ ବ୍ୟବହାର ନିମନ୍ତେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସଚିନ୍ ପାୱାରଙ୍କ ଅଧକ୍ଷତାରେ ସୁବିଧା ଆପ୍ ତାଲିମ ଅନୁଷ୍ଠିତ ହୋଇଥିଲା। ତାଲିମ ଶିବିରରେ ବିଭିନ୍ନ ରାଜନୈତିକ ପ୍ରତିନିଧି ଏହି ଆପ୍ ତଥା ଅନଲାଇନରେ ଆବେଦନ କରିପାରିବେ ବୋଲି କୁହାଯାଇଥିଲା। ଯାହା ଦ୍ୱାରା ନାମାଙ୍କନ ପତ୍ର, ଆଫିଡିପିଟ୍ ଓ ରାଲି ସଭା ସମିତି ଇତ୍ୟାଦି ପାଇଁ ଅନଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନ କରିବାର ୪୮ ଘଣ୍ଟା ମଧ୍ୟରେ ପ୍ରମାଣପତ୍ର ପାଇ ପାରିବେ। ସେହିପରି ପ୍ରଚାର ପାଇଁ ଆବଶ୍ୟକ ଅନୁମତିର ତାଲିକା ଦେଖିବାର କ୍ଷମତା ଓ ସେମାନଙ୍କର ଅନୁମତି ପ୍ରୟୋଗର ସ୍ଥିତିକୁ ଟ୍ରାକ୍ କରିବାର କ୍ଷମତା, ଅନୁମତି ଫର୍ମ ଡାଉନଲୋଡ୍ କରି ଅନଲାଇନରେ ଦାଖଲ କରିବାର କ୍ଷମତା ପ୍ରାର୍ଥୀଙ୍କ ସଂପୂର୍ଣ୍ଣ ବିବରଣୀ



ରହିଛି। ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ ଓ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସୁବିଧା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସେହିପରି ଉପସ୍ଥିତ ସମସ୍ତ ରାଜନୈତିକ ପ୍ରତିନିଧିଙ୍କୁ ସିଭିଜିଲ ଆପ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିବା ପାଇଁ ଜିଲ୍ଲାପାଳ ନିବେଦନ କରିଛନ୍ତି। ଆଜିର ଏହି ତାଲିମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୋମନାଥ ପ୍ରଧାନ, ଉପ ଜିଲ୍ଲାପାଳ, ଦୁର୍ଯ୍ୟୋଧନ ଭୋଇ ଓ ଅନ୍ୟାନ୍ୟ ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ରାଜନୈତିକ ପ୍ରତିନିଧି ଯଥା ବିଜେଡିରୁ ଧନୁର୍ଜୟ ମାଡକାମୀ, ବିଜେପିରୁ ସଞ୍ଜୟ ସରକାର, କଂଗ୍ରେସରୁ ଜି ଶ୍ରୀନିବାସ ରାଓ ଓ ପର୍ଶୁରାମ ଭକ୍ତ, ବିଏସପିରୁ କୁମାର ଜାଲିଆ ଉପସ୍ଥିତ ଥିଲେ।

## ମା'ମଙ୍ଗଳାଙ୍କ ଝାମୁଯାତ୍ରା ଆରମ୍ଭ ପ୍ରଥମ ପାଳି ଯାତ୍ରାରେ ରାଜ ରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା ମଙ୍ଗଳା

କାକଟପୁର : ପୁରୀ ଜିଲ୍ଲା କାକଟପୁର ର ଅଧିଷ୍ଠାତ୍ରୀ ଦେବୀ, ପରମବୈଷ୍ଣବୀ ମା ମଙ୍ଗଳା ଙ୍କ ଆରମ୍ଭ ହୋଇଛି ଚୈତ୍ର ପର୍ବ ବା ଝାମୁ ଯାତ୍ରା । ଏକ ମାସ ବ୍ୟାପୀ ଏହି ପ୍ରସିଦ୍ଧ ଝାମୁଯାତ୍ରା ଚୈତ୍ର ମାସ ପ୍ରଥମ ମଙ୍ଗଳ ବାର ଠାରୁ ଆରମ୍ଭ ହୋଇ ବୈଶାଖ ପ୍ରଥମ ମଙ୍ଗଳ ବାର ପର୍ଯ୍ୟନ୍ତ ଚାଲିଥାଏ । ଚୈତ୍ର ମାସରେ ମା ପ୍ରଥମେ ପ୍ରାଚୀ ନଦୀ ରୁ ଉଦ୍ଧାର ହେବା ଓ ସ୍ଥାପନା ହୋଇଥିବା ରୁ ମା ଙ୍କ ଜନ୍ମ ମାସ ଭାବେ ପ୍ରତି ବର୍ଷ ମାସେ ବ୍ୟାପି ଏହି ଚୈତ୍ର ପର୍ବ ବା ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଆଜି ପ୍ରଥମ ମଙ୍ଗଳ ବାର ନେତ୍ରୋତ୍ସବ ଭାବରେ ମଧ୍ୟ ପରିଚିତ । ମା ଙ୍କ ବିଶେଷ ନୀତିକାନ୍ତି ରେ ନୂତନ ନେତ ପୂଜା କରାଯାଇ ମନ୍ଦିର ବେଢା ପରିକ୍ରମା କରାଯାଇଥିଲା । ଅଂଚଳ ର ଯାଦବ ସମୂହ ଏକାଠି ଲହୁଡି ଖେଳି ଏହି ପରିକ୍ରମା ରେ ସାମିଲ ହୋଇଥିଲେ । ପରେ ସେବକ ମାନଙ୍କ ଦ୍ୱାରା ମନ୍ଦିର ର ଦଧିନଉତି କୁ ସ୍ନାନ ମାର୍ଜନା କରାଯାଇ ନୂତନ ବାନା ବନ୍ଧା ଯିବାପରେ ନେତ୍ରୋତ୍ସବ କାର୍ଯ୍ୟ ସମାପନ କରାଯାଇଥିଲା ଚାରିଆଡେ ମାତୃଭକ୍ତ ଙ୍କ ସମାଗମ ସହ ମନ୍ଦିର ବେଢାରେ ବିରି ଅରୁଆ ଚାଉଳ ଓ ଜାମୁ ଡାଳ ରେ ପରିବାର ର ମଙ୍ଗଳ ମନାସି କୁଳବଧୂ ମା ମାନେ ବେଢା ଓଳେଇବା, ଓ ପନ୍ଥେଇ ପୂଜାସହ ହୁଳହୁଳି ରେ ମନ୍ଦିର ପ୍ରକମ୍ପିତ ହୋଇ ଉଠିଥିଲା । ଦିନ ୨ ଟା ରେ ଶାରଳା ରୁ ଆସିଥିବା ପାଟୁଆ ମାନେ ପ୍ରାଚୀ ନଦୀର ଘଣ୍ଟତୋଳା ତୁଠ ରୁ ପାରମ୍ପରିକ ପଟୁଆର ରେ ଯାଇ ଜଳ ତୋଳି ମନ୍ଦିର ଭିତର ବେଢା ଓ ବାହାର ବେଢା ରେ ପାଟୁଆ ନୃତ୍ୟ ପରିବେଷଣ କରିଥିଲେ । ଏହି ନୃତ୍ୟ ଦେଖିବା ପାଇଁ ହଜାର ହଜାର ଭକ୍ତ ଙ୍କ ସମାଗମ ଦେଖିବାକୁ ମିଳିଥିଲା କ୍ଷ ଆଜି ପ୍ରଥମ ପାଳି ଯାତ୍ରା ରେ ଭକ୍ତମାନେ କିପରି ଶାନ୍ତି ଶୃଙ୍ଖଳା ର ସହ ଦର୍ଶନ କରିବେ ଓ ଟ୍ରାଫିକ ବ୍ୟବସ୍ଥା ସୁପରିଚାଳନା ପାଇଁ ଥାନା ଆଇ ଆଇ ସି ବିଜୟ କେତନ ବେହେରା, ଏସ ଆଇ ପ୍ରମୋଦ କୁମାର ସେଠୀ ଓ ପୋଲିସ ଫୋର୍ସ ପକ୍ଷରୁ ପୂର୍ବ ପ୍ରସ୍ତୁତି ଅନୁସାରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା ।ମଙ୍ଗଳା ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷ ରୁ ଭକ୍ତ ଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଚାରିପଟେ ଟେଣ୍ଟ ବନ୍ଧାଯାଇ ଖରା ଦାଉରୁ ରକ୍ଷା କରାଯିବା ସହିତ ବ୍ୟାରିକେଡ ମଧ୍ୟରେ ଶୃଙ୍ଖଳିତ ଭାବେ ଗର୍ଭଗୃହ କୁ ଯାଇ ଦର୍ଶନ ର ବ୍ୟବସ୍ଥା କରାଯାଇଥିଲା । ତତ ସଂଗେ ସଂଗେ ମନ୍ଦିରକୁ ଆଲୋକୀକରଣ କରାଯିବା ସହିତ ଚଳିତ ବର୍ଷ ମା ଙ୍କ ପାଇଁ ନୂତନ ସ୍ୱର୍ଣ୍ଣ ମୁକୁଟ, କିରିଟ, ଏବଂ ଏକ ହାର ଅଣାଯାଇଛି ବୋଲି କହିଛନ୍ତି କାକଟପୁର ତହସିଲଦାର ତଥା ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ଅଙ୍କିତା ଅନନ୍ଦିତା କ୍ଷ ଅନ୍ୟପକ୍ଷରେ ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ ମନ୍ଦିର ନୀତି ନିର୍ଘଣ୍ଟ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହିତ କହିଥିଲେ ଯେ, ରାତ୍ର ୨ ଟା ରୁ ମନ୍ଦିର ଦ୍ୱାର ଖୋଲାଯାଇ ମା ଙ୍କ ନୈନ୍ଦିନ ନୀତି, ଯଥା ମଙ୍ଗଳ ଆଳତୀ, ସ୍ନାନ ମାର୍ଜନା, ସୂର୍ଯ୍ୟ ପୂଜା,ବଲ୍ଲବ, ସକାଳ ଧୂପ ଇତ୍ୟାଦି ଅନୁଷ୍ଠିତ ହେବା ପରେ ୫ ଟା ରୁ ସର୍ବସାଧାରଣ ଦର୍ଶନ ପାଇଁ ପହୁଡ଼ ଖୋଲା ଯାଇଥିଲା । ଦୂର ଦୁରାନ୍ତ ରୁ ଆସୁଥିବା ଭକ୍ତ ମାନଙ୍କର ଶୃଙ୍ଖଳିତ ଦର୍ଶନ ପାଇଁ ସୁବନ୍ଦୋବସ୍ତ କରାଯାଇଥିଲା । ସେହିପରି ଭକ୍ତ ମାନଙ୍କ ଆସୁଚିକିତ୍ସା ନିମନ୍ତେ ସୂଚନା କେନ୍ଦ୍ର ଓ ମେଡିକାଲ କ୍ୟାମ୍ପ, ପାନୀୟଜଳ ର ବ୍ୟବସ୍ଥା କରାଯିବା ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ଭକ୍ତ ମାନଙ୍କ ଉପରେ ପାଣି ସିଞ୍ଚନ କରାଯିବା ସହିତ ସମସ୍ତ ପ୍ରକାର ସହଯୋଗ କରାଯିବାକୁ ବ୍ୟବସ୍ଥା ହୋଇଥିଲା ।ଆଜି ପ୍ରଥମ ପାଳି ଯାତ୍ରା ରେ ପ୍ରକାଶ କୁମାର ପଣ୍ଡା ପାଳିଆ ପୂଜାପଣ୍ଡା ଭାବେ କାର୍ଯ୍ୟ କରିଥିଲେ । ପ୍ରଥମ ପାଳି ଯାତ୍ରା ପାଇଁ ମା ମଙ୍ଗଳାଙ୍କ ମନ୍ଦିର ସହିତ ସମଗ୍ର କାକଟପୁର ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଥିଲା ।

## ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ନେତାଜୀ କଲେଜ ଅଫ ନର୍ସିଂର ୧୨ତମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର,(ପି.ଏନ): ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରତିଷ୍ଠାନ ଠାରେ ନେତାଜୀ କଲେଜ ଅଫ ନର୍ସିଂର ୧୨ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ବିଶିଷ୍ଟ ସ୍ତମ୍ଭକର ସାମ୍ବାଦିକ ସୁଜ୍ଞାନ ଚୌଧୁରୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍ଘାଟକ ମାନ୍ୟବର ପୂର୍ବତନ ବିଚାରପତି ଡକ୍ଟର ଡି ପି ଚୌଧୁରୀ ନର୍ସିଂ ଛାତ୍ର ଛାତ୍ରୀ ରୋଗୀ ସେବସମୟରେ ନିଜକୁ ରୋଜୀଙ୍କ ନିଜ ପରିଜନଭାବି ସେବା ପ୍ରଦାନ କଲେ ରୋଗୀର ଅର୍ଧେରୁ ଅଧିକ ରୋଗ ଭଲ ହୋଇଯାଏ ବୋଲି କହିଥିଲେ।, ଆଇ ଆଇ ଏମ୍ ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଅଶୋକ ମହାପାତ୍ର ସମ୍ମାନୀତ ଅତିଥିକହିବା ଛଳରେ ଡ଼ାକ୍ତର ଙ୍କୁ ଠିକ୍ ଭାବାରେ ରୋଗୀଙ୍କର



ଅବସ୍ଥା ବିଷୟରେ ଜଣାଇବା ନିହାତି ଦୟୀତୋ, ପ୍ରଫେସର୍ ଡକ୍ଟର ଜୟପ୍ରକାଶ ରୁଶେଲ୍ ରଭେନ୍ କିମ୍ବର ର ମାନସିକ ରୋଗ ବିଶେଷଜ୍ଞ ମୁଖ୍ୟ ମୂଖ୍ୟଅତିଥି ମଦର୍ ଟେରେସା ଙ୍କ ଭଳି ଦିନେ ତୁମେ ଯୁଦ୍ଧ ସମୟରେ ଡାକ୍ତରଙ୍କୁ ଅନୁମତି ନଥିଲା ବେଳେ ନର୍ସଙ୍କ ଦାୟିତ୍ୱ ଦିଆଯାଏ, ଡକ୍ଟର ବିଜନ କୁମାର ଜେନା ଅଧକ୍ଷ ଓ ନିର୍ଦ୍ଦେଶକ ନେତାଜୀ ସମୂହ ସଂସ୍ଥା ସମ୍ମାନୀତ ଅତିଥି ଥିବାବେଳେ ସଂସ୍ଥାର ମୂଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଜିତା ଜେନା, ଉପଦେଷ୍ଟ ପ୍ରାଚୀ ପଲ୍ଲୀଶ୍ରୀ ମଂଚ ପରିଚାଳନା କରିବା ସହିତ କଲେଜର ଅଧକ୍ଷା କାବେରୀ ରଥ ବାର୍ଷିକ ବିବରଣୀ ପାଠ କରିଥଲେ। ତାସଙ୍ଗେ ସଙ୍ଗେ ସ୍କୁଲ ର ଶିକ୍ଷତ୍ରୀ ଧନ୍ୟବାଦ ଜଣାଇଥିଲେ। ଓ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ଚିତ୍ତାକର୍ଷିକ ରଙ୍ଗାରଙ୍ଗ କର୍ଯ୍ୟକ୍ରମ୍ ପରିବେଷଣ କରିବା ସହ କର୍ମକର୍ତ୍ତା ଓ ସ୍ୱଚ୍ଛାସେବୀ ମାନେ ସୁଚ଼ର ରୂପରେ ସମ୍ପାଦନ କରିଥିଲେ।

## ଓଲିଉଡ କଳାକାରଙ୍କ ସହ ହୋଲି ଖେଳିଲେ କିସ୍ ଛାତ୍ରଛାତ୍ରୀ

**ଭୁବନେଶ୍ୱର,(ପି.ଏନ):** ସୋମବାର କିସ୍‌ରେ ପାଳିତ ହୋଇଯାଇଛି। ଏଥିପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ପରିଲକ୍ଷିତ ହୋଇଥିଲା। କିସ୍ ଛାତ୍ରଛାତ୍ରୀମାନେ ବିଶିଷ୍ଟ ଓଡ଼ିଆ ସିନେ ତାରକା, ସାହିତ୍ୟିକ, କଳାକାର, ବ୍ୟଙ୍ଗକାର, ବୁଦ୍ଧିଜୀବୀ, ସମାଲୋଚକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଚିତ୍ରାଭିନେତାଙ୍କ ସହ ହୋଲି ପାଳିଥିଲେ। ପାରମ୍ପରିକ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇ ଦୋଳିରେ ଝୁଲୁଥିବା କିସ୍ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅଭିନେତା, କଳାକାରମାନେ ରଙ୍ଗ ବୋଳି ଅବିର ପର୍ବ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ କିସ୍ ପିଲାମାନଙ୍କ ସହ ଅବିର ଖେଳିବା ସହ ନୃତ୍ୟ, ସଂଗୀତ, ସଂଳାପ ଓ ହାସ୍ୟରସରେ ପିଲାମାନଙ୍କ ମନୋରଞ୍ଜନ କରିଥିଲେ। ସୂଚନାଯୋଗ୍ୟ, ପ୍ରତିବର୍ଷ କିସ୍ ଛାତ୍ରଛାତ୍ରୀଙ୍କ ଉତ୍ସାହିତ କରିବା ଓ ସେମାନଙ୍କ ମନୋବଳ ବୃଦ୍ଧି କରିବା ସକାଶେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ, କୋଲକାତାସ୍ଥିତ ସତ୍ୟଜିତ ରାୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଲ୍ ଆଣ୍ଡ ଟେଲିଭିଜନ୍‌ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ସିନେ ସମୀକ୍ଷକ ଦିଲୀପ ହାଲି, ଅଭିନେତା ସୁକାନ୍ତ ରଥ, ମଣ୍ଟୁ ଶର୍ମା, ଶୁଭାଶିଷ, ଅଭିନେତ୍ରୀ ବିଦୁସ୍ମିତା, ପୁଷ୍ପା ପଣ୍ଡା, ପ୍ରତିଭା ପଣ୍ଡା, ଶିବାନୀ ସଙ୍ଗୀତା, ଆକାଙ୍କ୍ଷା କବି, ତୃପ୍ତି, ସସ୍ମିତା ପିଆଲି, ହାସ୍ୟ ଅଭିନେତା ଭକ୍ତ ପ୍ରହ୍ଲାଦ ଚରଣ ପଟ୍ଟନାୟକ (ହାଡ୍ଡୁ), ଦେବୁ ବ୍ରହ୍ମା, ଜୀବନ ପଣ୍ଡା, ହର ରଥ, ଗୀତିକାର ଅରୁଣ ମନ୍ତ୍ରୀ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ଶ୍ରୀଚରଣ ମହାନ୍ତି, ଶୈଳବାଳା ମହାପାତ୍ର, ମିତ୍ରଭାନୁ ମହାନ୍ତି, ଶିଶୁ କଳାକାର ଐଶ୍ୱର୍ଯ୍ୟା ମିଶ୍ର, ସଂଗୀତ ନିର୍ଦ୍ଦେଶକ ଶରତ ନାୟକ, ଅରୁଣ ମନ୍ତ୍ରୀ, କ୍ରୀଡ଼ାବିତ୍ ଅନୁରାଧା ବିଶ୍ୱାଳଙ୍କ ସମେତ ୬୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE



TUITION CLASSES
for Std I to Std V
Timing: 5 PM to 6.30 PM

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray